# ପ୍ରଦେଶ ବାର୍ତ୍ତା

pradeshbartta.in

PRADESH BARTTA
PRGI Regd. No. ORORI/26/A2339

Odia Monthly

ବର୍ଷ - ୧, ସଂଖ୍ୟା-୫, ଅକ୍ଟୋବର ୧- ୩୧, ୨୦୨୬, ଓଡ଼ିଆ ମାସିକ, ବାଲେଶ୍ୱର, ପୃଷ୍ଠା- ୮ ,ମୂଲ୍ୟ - ୫ ଟଙ୍କା

Vol.1, Issue - 5, October 1 - October 31, 2026, Monthly, Baleshwar, Pages-8, Price - Rs.5.00


ଭିତରେ...


ଛବି ନୁହେଁ, ଜୀବନ ମୂଲ୍ୟବାନ

ଟ୍ରାକ୍ଟରରେ ବୁହାହେଲେ ରୋଗୀ

କେବେ ସରିବ ଦୁର୍ଗାପୁର ଦୁଃଖ

ବୋଲ ମାନୁନାହାନ୍ତି ବାଇକ୍ ଚୋର

କାଦୁଅ ରାସ୍ତାରେ ବୁହାହେଲା ଶବ

ପିୟୁସିସି ନଥିଲେ ତେଲ ମନା


# ଜ୍ଞାନେଶ ଝଡ଼ରେ ଝଡ଼ିବ କିଏ !



**ନୂଆଦିଲ୍ଲୀ/ଭୁବନେଶ୍ୱର:** ଗୋଟିଏ ଝଡ଼ ଥମି ନାହିଁ, ଆଉ ଏକ ବଡ଼ ସୁନାମୀର ପୂର୍ବାଭାସ ମିଳିସାରିଲାଣି । ନିକଟ ଅତୀତରେ ଦେଶ ଦେଖିଥିଲା କିପରି ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲା ଏକ ବିଶାଳ ଗଣଆନ୍ଦୋଳନର ରୂପ ନେଇଥିଲା । ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳାଯାଇଥିବା ଏହି ଖେଳର ପରିଣାମ ସ୍ୱରୂପ କ୍ଷମତାଶାଳୀ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ନିଜ ପଦରୁ ବିଦାୟ ନେବାକୁ ପଡ଼ିଥିଲା ଏବଂ ସରକାରଙ୍କୁ ସାରା ଦେଶ ଆଗରେ ମୁଣ୍ଡ ନୁଆଁଇବାକୁ ପଡ଼ିଥିଲା । ମାତ୍ର, ଏବେ ଯେଉଁ ବିସ୍ଫୋରକ ଘଟଣା ସାମ୍ନାକୁ ଆସିଛି, ତାହା ନିଟ୍ କେଳେଙ୍କାରୀ ଠାରୁ କଳେବର ଓ ପ୍ରଭାବ ଦୃଷ୍ଟିରୁ ଢେର୍ ଗୁଣା ବଡ଼ । ଏହା ହେଉଛି ନିର୍ବାଚନ ଆୟୋଗ ଭିତରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ମହାଦୁର୍ନୀତି । ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କୁ କେନ୍ଦ୍ର କରି ଘନୀଭୂତ ହେଉଥିବା ଏହି ଝଡ଼ କେବଳ ନିର୍ବାଚନ ଆୟୋଗର ଭିତ୍ତିଭୂମିକୁ ଦୋହଲାଇ ନାହିଁ, ବରଂ କେନ୍ଦ୍ର ସରକାରଙ୍କ ଅସ୍ତିତ୍ୱ ପ୍ରତି ମଧ୍ୟ ଏକ ବଡ଼ ବିପଦ ସୃଷ୍ଟି କରିବାକୁ ଯାଉଛି ।

ଏହି ବିବାଦର ସୂତ୍ରପାତ କେବଳ ବିରୋଧୀଙ୍କ ଅଭିଯୋଗରୁ ହୋଇନାହିଁ, ବରଂ ନିଜ ଘର ଭିତରୁ ଆରମ୍ଭ ହୋଇଛି, ଯାହା ସରକାରଙ୍କ ପାଇଁ ସବୁଠାରୁ ବଡ଼ ଚିନ୍ତାର କାରଣ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାରରେ ଦୀର୍ଘ ସାତ ବର୍ଷ ଧରି ଗୃହ ସଚିବ ତଥା କେନ୍ଦ୍ର ମନ୍ତ୍ରୀ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିବା ଆର୍ କେ ସିଂହଙ୍କ ଏକ ଖୋଲା ଚିଠି ନିଆଁରେ ଘିଅ ଢାଳିଛି । ସେ ସିଧାସଳଖ ସିଇସି ଜ୍ଞାନେଶ କୁମାର ଓ ତାଙ୍କ 'ମାଲିକ'ମାନଙ୍କ ଉପରେ ଏସ୍ଆଇଆର୍ ନାଁରେ ବ୍ୟାପକ ଅନିୟମିତତାର ଅଭିଯୋଗ ଆଣିବା ସହ ତାଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ କରିବାକୁ ବିରୋଧୀଙ୍କୁ ପରାମର୍ଶ ଦେଇଛନ୍ତି । ଜଣେ ପୂର୍ବତନ କ୍ୟାବିନେଟ୍ ମନ୍ତ୍ରୀ ଯେତେବେଳେ ନିର୍ବାଚନ ବର୍ଜନ କରିବା ଏବଂ ପୁରୁଣା କଲେଜିୟମ୍ ବ୍ୟବସ୍ଥାରେ ସିଇସି ନିଯୁକ୍ତି ଦାବି କରୁଛନ୍ତି, ସେତେବେଳେ ପ୍ରସଙ୍ଗର ଗାମ୍ଭୀର୍ଯ୍ୟତା କେତେ ସଙ୍ଗୀନ ତାହା ସ୍ପଷ୍ଟ ଅନୁମେୟ । ଏହା ସହିତ ମହାରାଷ୍ଟ୍ରର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଇସିଆଇନେଟ୍ ସଫ୍ଟୱେରରେ ୫ଟି ତ୍ରୁଟି ସୁଧାରିବା ପାଇଁ ଲେଖାଯାଇଥିବା ଚିଠି, ସିଷ୍ଟମ୍ ଭିତରେ ଥିବା ବୈଷୟିକ ଛିଦ୍ରକୁ ପଦାରେ ପକାଇ ଦେଇଛି ।

ଅନ୍ୟପକ୍ଷରେ କଂଗ୍ରେସ ଏହି ପ୍ରସଙ୍ଗକୁ ହାତଛଡ଼ା କରିବାକୁ ଚାହୁଁନାହିଁ । ମଲ୍ଲିକାର୍ଜୁନ ଖଡ଼ଗେଙ୍କ ନେତୃତ୍ୱରେ ବସିଥିବା କଂଗ୍ରେସ କାର୍ଯ୍ୟକାରିଣୀ କମିଟିର ବୈଠକରୁ ସ୍ପଷ୍ଟ ସନ୍ଦେଶ ଦିଆଯାଇଛି ଯେ, ଯଦି ୧୩ କୋଟିରୁ ଊର୍ଦ୍ଧ୍ୱ ଭୋଟରଙ୍କ ନାମ ତାଲିକାରୁ କାଟି ଦିଆଯାଇଛି, ତେବେ ଏହା ଗଣତନ୍ତ୍ର ଉପରେ ସବୁଠାରୁ ବଡ଼ ଆକ୍ରମଣ । ଜ୍ଞାନେଶ କୁମାରଙ୍କୁ ସରକାରଙ୍କ 'ସଖୀ କର୍ଣ୍ଣେଇ' କହିବା ସହ ତାଙ୍କର ବହିଷ୍କାର, ଏସ୍ଆଇଆର ସ୍ଥଗିତ ଏବଂ ନୈତିକତା ଦୃଷ୍ଟିରୁ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବି କରି କଂଗ୍ରେସ ଏହି ଲଢ଼େଇକୁ ରାସ୍ତାରୁ ନେଇ ସଂସଦ ପର୍ଯ୍ୟନ୍ତ ଲଢ଼ିବାକୁ ବିଗୁଲ୍ ଫୁଙ୍କି ସାରିଲାଣି । ଆହୁରି ସାଂଘାତିକ କଥା ହେଉଛି ନିର୍ବାଚନ ଆୟୋଗ ଭିତରେ ଚାଲିଥିବା ଗୃହଯୁଦ୍ଧ । ଖୋଦ୍ ଅନ୍ୟ ଦୁଇ ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ, ସିଇସିଙ୍କ ଏକତରଫା ତଥା ସ୍ୱେଚ୍ଛାଚାରୀ ନିଷ୍ପତ୍ତି ବିରୋଧରେ ଗତ ୧୦ ମାସ ମଧ୍ୟରେ ୧୪ ଥର ଲିଖିତ ଆପତ୍ତି ଜଣାଇଛନ୍ତି ବୋଲି ଯେଉଁ ଖବର ବାହାରିଛି, ତାହା ସରକାରଙ୍କ ସ୍ୱଚ୍ଛତା ଉପରେ ଏକ ବିରାଟ ପ୍ରଶ୍ନଚିହ୍ନ ଲଗାଇ ଦେଇଛି ।

ଏବେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଏହା କଣ ଦ୍ୱିତୀୟ ନିଟ୍ ଆନ୍ଦୋଳନର ରୂପ ନେବ କି ? ରାଜନୈତିକ ସମୀକରଣ ଅନୁଯାୟୀ, ଏହାର ପରିଣାମ ନିଟ୍ ଠାରୁ ମଧ୍ୟ ଭୟଙ୍କର ହୋଇପାରେ । ନିଟ୍ ମାମଲାରେ ଯେହେତୁ ନିର୍ଦ୍ଦିଷ୍ଟ କିଛି ଲକ୍ଷ ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାର ଜଡ଼ିତ ଥିଲେ, ତାହା ସରକାରଙ୍କୁ ଆଣ୍ଠେଇ ଦେଇଥିଲା । କିନ୍ତୁ ଏସ୍ଆଇଆର୍ ମାମଲା ଦେଶର ୧୩ କୋଟି ନାଗରିକଙ୍କ ସାମ୍ବିଧାନିକ ମତାଧିକାର ସହ ଜଡ଼ିତ । ଯେତେବେଳେ ଏହି ପ୍ରସଙ୍ଗ ଗାଁ ଗହଳିରେ ପହଞ୍ଚିବ ଏବଂ ସାଧାରଣ ଲୋକ ଅନୁଭବ କରିବେ ଯେ ସେମାନଙ୍କ ଭୋଟ୍ ଦେବାର ଅଧିକାରକୁ ଷଡ଼ଯନ୍ତ୍ର କରି ଛଡ଼ାଇ ନିଆଯାଇଛି, ସେତେବେଳେ ରାଜରାସ୍ତାରେ ଯେଉଁ ଜନଆନ୍ଦୋଳନ ସୃଷ୍ଟି ହେବ ତାହାକୁ ସମ୍ଭାଳିବା ସରକାରଙ୍କ ପକ୍ଷେ ଅସମ୍ଭବ ହୋଇପଡିବ । ଏହା କେବଳ ଏକ ପ୍ରଶାସନିକ ତ୍ରୁଟି ନୁହେଁ, ବରଂ 'ଗଣତନ୍ତ୍ର ହରଣ'ର ଏକ



ନେରେଟିଭ୍ ବା ବିମର୍ଶ ତିଆରି କରିବାରେ ବିରୋଧୀ ସଫଳ ହେବେ ।

ସୁପ୍ରିମକୋର୍ଟ ଆସନ୍ତା ସପ୍ତାହରେ ଏହି ମାମଲାର ଶୁଣାଣି କରିବାକୁ ରାଜି ହୋଇସାରିଛନ୍ତି । ଯଦି ସର୍ବୋଚ୍ଚ ନ୍ୟାୟାଳୟ ନିର୍ବାଚନ ଆୟୋଗଙ୍କ ଫାଇଲ୍, ଏଜେଣ୍ଡା, ଆଇଟି ରେକର୍ଡ ଏବଂ ଭୋଟର ଡାଟାବେସ୍ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଅନ୍ତି ଏବଂ ଏଥିରେ ବ୍ୟାପକ ଅନିୟମିତତାର ପ୍ରମାଣ ମିଳେ, ତେବେ ସରକାରଙ୍କ ପାଖରେ ମୁହଁ ଲୁଚାଇବାକୁ ଜାଗା ନଥିବ । ନିଟ୍ ମାମଲାରେ ଶିକ୍ଷାମନ୍ତ୍ରୀ ବଳି ପଡିଥିଲେ, କିନ୍ତୁ ଏସ୍ଆଇଆର୍ ମାମଲା ସିଧାସଳଖ ଶୀର୍ଷ ନେତୃତ୍ୱ ଓ ପୁରା ସରକାରୀ କଳର ବିଶ୍ୱସନୀୟତା ଉପରେ ଆକ୍ରମଣ କରୁଛି । ଯଦି ଜ୍ଞାନେଶ କୁମାର ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ତାଙ୍କୁ କେବଳ ପଦବୀ ଛାଡିବାକୁ ପଡିବ ନାହିଁ, ବରଂ ତାଙ୍କୁ ଘଣ୍ଟ ଘୋଡ଼ାଉଥିବା ରାଜନୈତିକ ଆକାମାନଙ୍କୁ ମଧ୍ୟ ବଡ଼ ମୂଲ୍ୟ ଚୁକାଇବାକୁ ପଡ଼ିବ । ଆଗକୁ ଅନେକ ରାଜ୍ୟରେ ବିଧାନସଭା ନିର୍ବାଚନ ଥିବା ବେଳେ ଏହି ପ୍ରସଙ୍ଗ ଶାସକ ଦଳ ପାଇଁ ବୁମେରାଂ ହେବାର ପୂରା ଆଶଙ୍କା ରହିଛି । ଗଣତନ୍ତ୍ରରେ ସବୁଠାରୁ ଶକ୍ତିଶାଳୀ ହେଉଛି ସାଧାରଣ ଭୋଟର; ଯଦି ସେହି ଭୋଟରର ଭୋଟ୍ କାଟି ଦିଆଯାଏ, ତେବେ ବାଲାଟ୍ ବକ୍ସରୁ ଆରମ୍ଭ କରି ରାଜରାସ୍ତା ପର୍ଯ୍ୟନ୍ତ ଯେଉଁ ବିସ୍ଫୋରଣ ହେବ, ସେହି ଜ୍ଞାନେଶ-ଝଡ଼ରେ କେବଳ ସିଇସି ନୁହନ୍ତି, ବରଂ ଅନେକ ହେଭିୱେଟ୍ ରାଜନେତା ମଧ୍ୟ ଧରାଶାୟୀ ହେବା ଥୟ । ସେପଟେ ଫର୍ମ-୬ ପ୍ରକ୍ରିୟାରେ ସଂଶୋଧନ କରିଛନ୍ତି ଇସିଆଇ ।

---

# ଜିଏସ୍‌ଟି ଲୁଟି ମାଲେମାଲ୍

**ଭୁବନେଶ୍ୱର:** ରାଜ୍ୟ ରାଜକୋଷ ପରିଚାଳନାରେ ଏକ ବଡ଼ ଧରଣର ବିଫଳତା ସାମ୍ନାକୁ ଆସିଛି । ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ (ସିଏଜି)ଙ୍କ ରିପୋର୍ଟ ଅନୁଯାୟୀ, ୨୦୨୩ ମସିହା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ରାଜ୍ୟର ମୋଟ ରାଜସ୍ୱ ବକେୟା ପରିମାଣ ଏକ ବିପୁଳ ଆକାର ଅର୍ଥାତ୍ ପ୍ରାୟ ୧୬ ହଜାର କୋଟି ଟଙ୍କାରେ ପହଞ୍ଚିଛି । ସବୁଠାରୁ ଉଦ୍‌ବେଗର ବିଷୟ ହେଉଛି, ଏହି ବିପୁଳ ବକେୟା ଅର୍ଥ ମଧ୍ୟରୁ ପ୍ରାୟ ଅଧା, ଅର୍ଥାତ୍ ପ୍ରାୟ ୮ ହଜାରରୁ ଅଧିକ କୋଟି ଟଙ୍କା ଦୀର୍ଘ ପାଞ୍ଚ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଆଦାୟ କରାଯାଇପାରିନାହିଁ । ୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ମୋଟ ରାଜସ୍ୱ ଦେଢ଼ ଲକ୍ଷ କୋଟି ଟଙ୍କା ଥିବାବେଳେ, ନିଜସ୍ୱ ରାଜସ୍ୱ ପରିମାଣରେ ପ୍ରାୟ ୫ ହଜାର କୋଟି ଟଙ୍କାର ହ୍ରାସ ଘଟି ଏହା ପ୍ରାୟ ୮୯ ହଜାର କୋଟି ଟଙ୍କାକୁ ଖସିଆସିଛି । ଅବଶ୍ୟ, ଭାରତ ସରକାରଙ୍କ ଠାରୁ ଏହି ବର୍ଷ ରାଜ୍ୟକୁ ପ୍ରାୟ ୬୧ ହଜାର କୋଟି ଟଙ୍କା ମିଳିଥିବା ବେଳେ ମୋଟାମୋଟି ଭାବେ ଟିକସ ଓ ଅଣ-ଟିକସ ରାଜସ୍ୱରେ ଯଥାକ୍ରମେ ୧୦.୮୮ ପ୍ରତିଶତ ଏବଂ ୫୨.୫୧ ପ୍ରତିଶତ ବୃଦ୍ଧି ଘଟିଛି, ମାତ୍ର ବକେୟା ଆଦାୟରେ ବିଫଳତା ପ୍ରଶାସନିକ ସ୍ଥାଣୁତାକୁ ପଦାରେ ପକାଇଛି ।

ସେପଟେ ଜିଏସଟି ଫାଙ୍କିବାରେ ଟିକସଦାତାମାନେ ବ୍ୟାପକ ଜାଲିଆତି କରିଥିବା




ସିଏଜି ଧରିଛନ୍ତି । ବିଶେଷ କରି ଇ-ୱେବିଲ୍ ବ୍ୟବସ୍ଥାରେ ହୋଇଥିବା ହେରଫେର୍ ରାଜ୍ୟ ରାଜକୋଷକୁ ଶକ୍ତ ଧକ୍କା ଦେଇଛି । କିଛି ଟିକସଦାତା ନିଜର ପଞ୍ଜୀକରଣ ରଦ୍ଦ ହେବା ପରେ ମଧ୍ୟ ଇ-ୱେବିଲ୍ ସୃଷ୍ଟି କରୁଥିଲେ ଏବଂ ଅନ୍ୟ କେତେକ ପୁରୁଣା ଇ-ୱେବିଲକୁ ବାରମ୍ବାର ବ୍ୟବହାର କରିବା ସହ ଇ-ୱେବିଲ୍ ସୃଷ୍ଟି କରି ଶୂନ ରିଟର୍ଣ୍ଣ ଫାଇଲ୍ କରୁଥିଲେ । ଆଶ୍ଚର୍ଯ୍ୟର କଥା ହେଉଛି, ଏଭଳି ଖୋଲାଖୋଲି ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ ଜିଏସଟି ବିଭାଗ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା । ଅଧିକ ଚାଞ୍ଚଲ୍ୟକର ତଥ୍ୟ ହେଉଛି, ୧୪ ଜଣ ଟିକସଦାତା ଚୋରି କିମ୍ବା ବାତିଲ ହୋଇଥିବା ଗାଡ଼ି ଏବଂ ଦୁଇଚକିଆ ଯାନ ଭଳି ୨୦୦ ରୁ ଊର୍ଦ୍ଧ୍ୱ ସନ୍ଦେହଜନକ ଗାଡ଼ି ବ୍ୟବହାର କରି ହଜାରେରୁ ଊର୍ଦ୍ଧ୍ୱ ଇ-ୱେବିଲ୍ ସୃଷ୍ଟି କରିଥିଲେ ଓ ସେ ବାବଦକୁ ପ୍ରାୟ ୧୩ କୋଟି ଟଙ୍କାର ଟିକସ ଫାଙ୍କିଥିଲେ । ଏପରିକି ଦୁଇ ଜଣ ଟିକସଦାତା ମାଲ୍ ପରିବହନ ଦର୍ଶାଇବାକୁ ଯାଇ ଗାଡ଼ିର ଯାତ୍ରା ଦୂରତାକୁ ୬୩୦ ପ୍ରତିଶତ ପର୍ଯ୍ୟନ୍ତ ବଢ଼ାଇ ଦର୍ଶାଇଥିଲେ । ବିଭାଗ ପକ୍ଷରୁ ଗାଡ଼ିଗୁଡ଼ିକର ପର୍ଯ୍ୟାପ୍ତ ଯାଞ୍ଚ କରାଯାଉନଥିବାରୁ ଏଭଳି ଟିକସ ଚୋରି ସମ୍ଭବ ହୋଇପାରିଛି ବୋଲି ସିଏଜି ଉଲ୍ଲେଖ କରିଛନ୍ତି ।

# ପରାଧୀନ ସ୍ୱାୟତ୍ତ ସଂସ୍ଥା

**ଭୁବନେଶ୍ୱର:** ରାଜ୍ୟରେ ତୃଣମୂଳ ସ୍ତରର ଶାସନ ବ୍ୟବସ୍ଥା ଏବେ ପ୍ରଶାସନିକ ସ୍ଥାଣୁତା ଏବଂ ଦୂରଦୃଷ୍ଟିର ଅଭାବ ଯୋଗୁଁ ଏକପ୍ରକାର ବିକଳ ସ୍ଥିତି ଦେଇ ଗତି କରୁଛି । ରାଜ୍ୟର ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ପୌର ସଂସ୍ଥାଗୁଡ଼ିକର ବିପର୍ଯ୍ୟସ୍ତ ପରିଚାଳନା ନେଇ ସିଏଜିଙ୍କ ରିପୋର୍ଟ ଏକ ଉଦ୍‌ବେଗଜନକ ଚିତ୍ର ଉପସ୍ଥାପନ କରିଛି । ଗ୍ରାମ ପଞ୍ଚାୟତଗୁଡ଼ିକ ହାତରେ କିଛି ମାତ୍ରାରେ ଟିକସ ଆଦାୟର କ୍ଷମତା ଥିବା ବେଳେ ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦଗୁଡ଼ିକ କ୍ଷମତାହୀନ ହୋଇ ସମ୍ପୂର୍ଣ୍ଣ ରୂପେ ସରକାରୀ ଅନୁଦାନ ଉପରେ ନିର୍ଭରଶୀଳ ହୋଇପଡ଼ିଛନ୍ତି । ଆବଶ୍ୟକୀୟ କର୍ମଚାରୀଙ୍କ ଅଭାବ, ନିଯୁକ୍ତି କ୍ଷମତା ନଥିବା ଏବଂ ଉପଯୁକ୍ତ ତାଲିମର ଅଭାବ ଯୋଗୁଁ ଏହି ସଂସ୍ଥାଗୁଡ଼ିକ ଏକ ସ୍ୱାୟତ୍ତ ସଂସ୍ଥା ଭାବରେ ସ୍ୱାଧୀନ କାର୍ଯ୍ୟ କରିବାରେ ବିଫଳ ହୋଇଛନ୍ତି । ଫଳରେ ଏହି ସବୁ ସ୍ୱାୟ□ ସଂସ୍ଥା ଏବେ ପରାଧୀନ ଭଳି ଦୃଶ୍ୟମାନ ହେଲେଣି । ପୋଖରୀ ନିଲାମ ନହେବା, ଦୋକାନ ଭଡ଼ା ସଂଗ୍ରହ ନହେବା ଏବଂ ମହାନଗର ନିଗମ ସମ୍ପତ୍ତି ଅନ୍ୟମାନଙ୍କ କବ୍‌ଜାରେ ରହିବା ଭଳି ଅବ୍ୟବସ୍ଥା ସିଏଜି ରିପୋର୍ଟରେ ଉନ୍ମୋଚିତ ହୋଇଛି । ସରକାରୀ ଅର୍ଥର ଅପଚୟ କିପରି ହେଉଛି, ତାହା ବିଭିନ୍ନ ପ୍ରକଳ୍ପର ସ୍ଥିତିରୁ ସ୍ପଷ୍ଟ ହେଉଛି । ଅନ୍ୟପକ୍ଷରେ, ପୌରାଞ୍ଚଳଗୁଡ଼ିକର ସ୍ଥିତି ମଧ୍ୟ ତଦ୍ରୂପ ନୈରାଶ୍ୟଜନକ । ରାଉରକେଲା ମହାନଗର ନିଗମରେ ବାୟୋ-ମାଇନିଂ ଏବଂ ବର୍ଜ୍ୟ ପରିବହନ ବାବଦକୁ କୋଟି କୋଟି ଟଙ୍କାର ସନ୍ଦେହଜନକ ପେମେଣ୍ଟ ହୋଇଥିବା ବେଳେ କଟକ ମହାନଗର ନିଗମ ଡେଭେଲପରମାନଙ୍କଠାରୁ ମଧ୍ୟ କୋଟି କୋଟି ଟଙ୍କା ଆଦାୟ କରିବାରେ ବିଫଳ ହୋଇଛି । ଲାଇସେନ୍ସ ନବୀକରଣ ନହେବା ଏବଂ ନୂଆ ବ୍ୟବସାୟୀଙ୍କୁ ଚିହ୍ନଟ କରିବାରେ ବିଫଳତା ଯୋଗୁଁ ମଧ୍ୟ ଅନେକ କୋଟି ଟଙ୍କାର ରାଜସ୍ୱ ହାନି ଘଟିଛି । ମୋଟାମୋଟି ଭାବେ, ସିଏଜିଙ୍କ ଏହି ରିପୋର୍ଟ ରାଜ୍ୟର ପଞ୍ଚାୟତିରାଜ ଓ ପୌର ସଂସ୍ଥାଗୁଡ଼ିକରେ ଲାଗି ରହିଥିବା ପ୍ରଶାସନିକ ଅବ୍ୟବସ୍ଥା, ଆର୍ଥିକ ଅନିୟମିତତା ଏବଂ ଦାୟିତ୍ୱହୀନତାର ଏକ ସ୍ପଷ୍ଟ ଚିତ୍ର ଉପସ୍ଥାପନ କରିଛି ।

# ଛବି ନୁହେଁ, ଜୀବନ ମୂଲ୍ୟବାନ

ଗୋଟିଏ ମୁହୂର୍ତ୍ତରେ ହସ, ଗୋଟିଏ ଛବି, କିଛି ମୁହୂର୍ତ୍ତରେ ଚର୍ଚ୍ଚା ଏବଂ ତା'ପରେ ସବୁକିଛି ଶେଷ – ଏପରି ଅସଂଖ୍ୟା ଘଟଣା ଆଜିର ସମାଜକୁ ଏକ ଅତ୍ୟନ୍ତ କଠୋର ପ୍ରଶ୍ନ ସାମ୍ନାରେ ଠିଆ କରିଛି। ଛବ ନେବା ନିଜେ ଅପରାଧ ନୁହେଁ, ନିଜ ସ୍ମୃତିକୁ ଧରି ରଖିବା ମଧ୍ୟ ଭୁଲ ନୁହେଁ, ବନ୍ଧମାନଙ୍କ ସହ ଆନନ୍ଦର ମୁହୂର୍ତ୍ତକୁ ସ୍ମରଣୀୟ କରିବା ମଧ୍ୟ ସ୍ୱାଭାବିକ, କିନ୍ତୁ ଯେତେବେଳେ ଗୋଟିଏ ଛବି ପାଇଁ ମଣିଷ ନିଜ ଜୀବନକୁ ବିପଦରେ ପକାଏ, ସେତେବେଳେ ଆମକୁ ରୁକି ଭାବିବାକୁ ପଡିବ– ଆମେ କେଉଁ ଦିଗକୁ ଯାଉଛୁ ? ଯୁବପିଢି ହେଉଛି ଦେଶର ଶକ୍ତି, ପରିବାରର ଆଶା ଏବଂ ଆଗାମୀ ଦିନର ନିର୍ମାତା, ତାଙ୍କ ଜୀବନ ଗୋଟିଏ ମୁହୂର୍ତ୍ତର ଦୃଶ୍ୟ ପାଇଁ ହରାଇଯିବା କେବଳ ଗୋଟିଏ ପରିବାରର ଦୁଃଖ ନୁହେଁ, ଏହା ସମାଜର ମନସାକ୍ଷୀ ପାଇଁ ଏକ ବଡ ଚେତାବନୀ।

ପାହାଡର ଧାର, ଉଚ୍ଚ ଅଟ୍ଟାଳିକାର ଛାତ, ରେଳପଥ, ନଦୀର ମଝିଭାଗ, ସମୁଦ୍ରର ଉତାଳ ତରଙ୍ଗ, ଜଳପ୍ରପାତର କିନାରା, ଗଭୀର ଖାଇ, ଚଳନ୍ତା ଯୋନ ଏବଂ ଅନ୍ୟାନ୍ୟ ବିପଦପୂର୍ଣ୍ଣ ସ୍ଥାନରେ ଗୋଟିଏ ଆକର୍ଷଣୀୟ ଛବି ପାଇଁ ଜୀବୀନକୁ ବାଜି ଲଗାଇବାର ପ୍ରବୃତି ଆମକୁ ଭିତରୁ ନଡାଇ ଦେବା ଉଚିତ। ଦୁର୍ଘଟଣା କେବେ ସୂଚନା ଦେଇ ଆସେ ନାହିଁ, ଗୋଟିଏ ପାଦ ଖସିଯିବା, ଗୋଟିଏ ପଥର ଖସିବା, ଗୋଟିଏ ତରଙ୍ଗ ହଠାତ୍ ଦିଗ ବଦଳାଇବା, ଗୋଟିଏ ଯାନ ଅସାବଧାନତାରେ ଆଗକୁ ବଢିଯିବା କିମ୍ବା ଗୋଟିଏ ମୁହୂର୍ତ୍ତର ଧ୍ୟାନଭଙ୍ଗ ଜୀବନକୁ ଚିରଦିନ ପାଇଁ ବଦଳାଇ ଦେଇପାରେ। ଯେଉଁ ଛବିକୁ ନେଇ ଯୁବକ କିମ୍ବା ଯୁବତୀ କିଛି ମୁହୂର୍ତ୍ତ ପାଇଁ ଗର୍ବ ଅନୁଭବ କରିବାକୁ ଚାହୁଁଥାଏ, ସେହି ଛବି ପରିବାର ପାଇଁ ଶେଷ ସ୍ମୃତି ହୋଇଯାଇପାରେ। ଏହାଠାରୁ ବଡ ବିଡମ୍ବନା ଆଉ କ'ଣ ହୋଇପାରେ ? ସଚେତନତା ଅଭିଯାନ ହେଉଛି, ପ୍ରଶାସନ ଚେତାବନୀ ଦେଉଛି, ବିଭିନ୍ନ ସ୍ଥାନରେ ବିପଦ ସଙ୍କେତ ଲଗାଯାଉଛି, ପରିବାର ପିଲାମାନଙ୍କୁ ସାବଧାନ କରୁଛି, ଶିକ୍ଷକମାନେ ଉପଦେଶ ଦେଉଛନ୍ତି, ତଥାପି କାହିଁକି ଏହି ପ୍ରବୃତି ଥମୁନାହିଁ ? ଏହି ପ୍ରଶ୍ନର ଉତର କେବଳ ଯୁବପିଢିଙ୍କୁ ଦୋଷ ଦେଇ ମିଳିବ ନାହିଁ। ଏହା ପଛରେ ରହିଛି ତୁରନ୍ତ ପ୍ରଶଂସା ପାଇବାର ଇଚ୍ଛା, ଅନ୍ୟମାନଙ୍କ ଠାରୁ ଅଲଗା ଦେଖାଯିବାର ଆକାଂକ୍ଷା, ବିପଦକୁ ରୋମାଂଚ ଭାବିବାର ମୁଳ ଧାରଣା, ବନ୍ଧୁମାନଙ୍କ ଚାପ, ଏବଂ ନିଜ ସୁରକ୍ଷା ସମ୍ପର୍କରେ ଅତ୍ୟଧିକ ଆତ୍ମବିଶ୍ୱାସ। ଅନେକ ସମୟରେ ଯୁବମନ ଭାବେ–ମୋ ସହ କିଛି ହେବ ନାହିଁ, ମୁଁ ସମ୍ଭାଳି ନେବି, ଅନ୍ୟମାନେ ଯାହା କରିଛନ୍ତି ମୁଁ ମଧ୍ୟ କରିପାରିବି।

କିନ୍ତୁ ପ୍ରକୃତି କାହାର ଆତ୍ମବିଶ୍ୱାସକୁ ସମ୍ମାନ କରେ ନାହିଁ, ଦୁର୍ଘଟଣା କାହାର ବୟସ ଦେଖେ ନାହିଁ, ମୃତ୍ୟୁ କହାର ସ୍ୱପ୍ନ ଜାଣେ ନାହିଁ। ଜୀବନ ଏକଥର ମିଳେଇ ହରାଇଯାଇଥିବା ଜୀବନକୁ ପୁଣି ଫେରାଇ ଆଣିବାର କୌଣସି ଉପାୟ ନାହିଁ। ତେଣୁ ଆବଶ୍ୟକ ହେଉଛି ଆଉ ଗୋଟିଏ ସାଧାରଣ ସଚେତନତା ବାର୍ତ୍ତା ନୁହେଁ, ବରଂ ଏକ କଠୋର ଜୀବନଶିକ୍ଷା–ବିପଦରେ ଛବି ନୁହେଁ, ଜୀବନକୁ ବାଛ। ଜଣେ ଯୁବକ ଯଦି ଯଦି ନଦୀକୂଳକୁ ଯାଏ, ତାର ଲକ୍ଷ୍ୟ ହେଉ ସୌନ୍ଦର୍ଯ୍ୟ ଉପଭୋଗ କରିବା, ବିପଦକୁ ଆମନ୍ତ୍ରଣ କରିବା ନୁହେଁ। ଜଣେ ଯୁବତୀ ଯଦି ପାହାଡକୁ ଯାଏ, ତାର ଲକ୍ଷ୍ୟ ହେଉ ପ୍ରକୃତିକୁ ଅନୁଭବ କରିବା, ଖାଇର ଧାରରେ ଠିଆ ହୋଇ ନିଜକୁ ବିପଦରେ ପକାଇବା ନୁହେଁ।

ଜଳପ୍ରପାତ ନିକଟକୁ ଯାଇଥିବା ବ୍ୟକ୍ତି ଜଳର ସୌନ୍ଦର୍ଯ୍ୟ ଦେଖୁ, କିନ୍ତୁ ପ୍ରବାହର ଶକ୍ତିକୁ ଅବହେଳା ନକରୁ। ସମୁଦ୍ରକୂଳରେ ଠିଆ ହୋଇ ତରଙ୍ଗକୁ ଦେଖିବା ଆନନ୍ଦଦାୟକ, କିନ୍ତୁ ତରଙ୍ଗର ଅନୁମାନ କରିବା ମଣିଷର ଶକ୍ତିରେ ନାହିଁ। ଯେଉଁଠି ପ୍ରଶାସନ ବିପଦସଙ୍କେତ ଦେଇଛି, ସେଠାରେ ନିୟମକୁ ଅବହେଳା କରିବା ସାହସ ନୁହେଁ, ଏହା ଅସାବଧାନତା ଆଜିର ପିଢିକୁ ଆମେ ଏହି ପାର୍ଥକ୍ୟ ବୁଝାଇବାକୁ ପଡିବ। ସାହସ ହେଉଛି ବିପଦକୁ ଜିତିବା ପାଇଁ ପ୍ରସ୍ତୁତି, ମୂର୍ଖତା ହେଉଛି ବିପଦକୁ ଜାଣି ମଧ୍ୟ ତାହାରେ ଝାପ ଦେବା। ଗୋଟିଏ ଛବି ଆମକୁ କିଛି ମୁହୂର୍ତ୍ତର ଖ୍ୟାତି ଦେଇପାରେ, କିନ୍ତୁ ଜୀବନ ଆମକୁ ଅସଂଖ୍ୟା ସମ୍ଭାବନା ଦେଇଥାଏ। ଆଜି ଯେଉଁ ଯୁବକ ଏକ ବିପଦପୂର୍ଣ୍ଣ ଛବି ପାଇଁ ନିଜକୁ ଆଗକୁ ଠେଲୁଛି, ସେ ମନେ ରଖୁ–ତାର ଘରେ ଜଣେ ମା' ଅପେକ୍ଷା କରୁଛନ୍ତି, ଜଣେ ବାପା ଆଶା ରଖିଛନ୍ତି, ଭାଇ କିମ୍ବା ଭଉଣୀ ତାକୁ ନିଜ ଭବିଷ୍ୟତର ଅଂଶ ଭାବୁଛନ୍ତି, ବନ୍ଧୁମାନେ ତାର ଫେରିବା ପଥ ଚାହିଁ ରହିଛନ୍ତି। ତାର ଜୀବନ କେବଳ ତାର ନୁହେଁ, ତା ସହ ଅନେକ ଲୋକଙ୍କ ସ୍ୱପ୍ନ ଜଡିତ। ଏହି କଥା ପିଲାମାନଙ୍କୁ ଛୋଟବେଳୁ ଶିଖାଇବା ଆବଶ୍ୟକ। ବିଦ୍ୟାଳୟରେ କେବଳ ପାଠ୍ୟପୁସ୍ତକର ଶିକ୍ଷା ନୁହେଁ, ଜୀବନ ସୁରକ୍ଷାର ଶିକ୍ଷା ମଧ୍ୟ ଦିଆଯିବା ଦରକାର।

ବିପଦସ୍ଥାନ ଚିହ୍ନଟ କରିବା, ପାଣିର ଗଭୀରତା ବୁଝିବା,ପାହାଡ ଓ ଖାଇର ଦୂରେ ରହିବା, ଚଳନ୍ତା ଯାନରେ ଅସାବଧାନତା ନକରିବା, ଆପଦକାଳରେ ସହାୟତା ଡାକିବା ଏବଂ ବିପଦ ଦେଖିଲେ ଅନ୍ୟକୁ ରୋକିବା ଭଳି ଜୀବନରକ୍ଷାକରୀ ଅଭ୍ୟାସ ଶିକ୍ଷାର ଅଂଶ ହେବା ଦରକାର। ଅଭିଭାବକମାନଙ୍କର ଭୂମିକା ମଧ୍ୟ ଅତ୍ୟନ୍ତ ବଡ। ପିଲାଙ୍କୁ କେବଳ ଏହା କରନି କହିଲେ ହେବ ନାହିଁ, କାହିଁକି କରିବା ନାହିଁ, ତାହା ବୁଝାଇବା ଦରକାର। ଯୁବମାନଙ୍କ ସହ ଖୋଲା ଆଲୋଚନା ହେବା ଦରକାର। ସେମାନଙ୍କୁ ଭୟଭୀତ କରି ନୁହେଁ, ବୁଝାଇ ଦାୟିତ୍ୱଶୀଳ କରିବାକୁ ପଡିବ। ପ୍ରଶାସନକୁ ମଧ୍ୟ ନିଜ ଦାୟିତ୍ୱ ଆହୁରି ଦୃଢ କରିବାକୁ ହେବ। ବିଦଦପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀରେ ସ୍ପଷ୍ଟ ସଚେତନତା ସୂଚନା, ନିରାପତା ବାଡ, ପ୍ରଶିକ୍ଷିତ କର୍ମଚାରୀ, ନିରୀକ୍ଷଣ, ଉଦ୍ଧାର ବ୍ୟବସ୍ଥା ଏବଂ ନିୟମ ଭଙ୍ଗ କରୁଥିବାଙ୍କ ବିରୋଧରେ ଯଥୋଚିତ ପଦକ୍ଷେପ ଦରକାର। କେବଳ ଦୁର୍ଘଟଣା ପରେ ଉଦ୍ଧାରକାର୍ଯ୍ୟ କରିଲେ ଦାୟିତ୍ୱ ସମ୍ପୂର୍ଣ୍ଣ ହୁଏନାହିଁ, ଦୁର୍ଘଟଣା ପୂର୍ବରୁ ବିପଦକୁ ରୋକିବା ହେଉଛି ପ୍ରକୃତ ପ୍ରଶାସନିକ ସଫଳତା। ସେହିପରି ବନ୍ଧୁମାନଙ୍କ ଦାୟିତ୍ୱ ମଧ୍ୟ ଭୁଲିହେବ ନାହିଁ। କେହି ବିପଦସ୍ଥାନକୁ ଯାଇ ଅସାବଧାନ ହେଲେ, ତାର ସାଙ୍ଗମାନେ ତାକୁ ଉତ୍ସାହିତ କରିବା ପରିବର୍ତେ ରୋକିବା ଉଚିତ। କିଛି ହେବ ନାହିଁ ବୋଲି କହିବା ସହଜ, କିନ୍ତୁ ସାବଧାନ ହେଲେ ଜୀବନ ଅଧିକ ମୂଲ୍ୟବାନ ବୋଲି କହିବା ହେଉଛି ପ୍ରକୃତ ବନ୍ଧୁତ୍ୱ। ଯେଉଁ ମୁହୂର୍ତ୍ତରେ ଜଣେ ଯୁବକ ବିପଦସ୍ଥାନରେ ଠିଆ ହୋଇ ଛବି ନେବାକୁ ଚାହୁଁଛି, ସେହି ମୁହୂର୍ତ୍ତରେ ତାର ସାଙ୍ଗ ଯଦି ତାକୁ ରୋକିଦିଏ, ହୁଏତ ଗୋଟିଏ ପରିବାରର ଭବିଷ୍ୟତ ବଂଚିଯିବ। ଆମ ସମାଜରେ ଏପରି ସାହସକୁ ସମ୍ମାନ ଦେବା ଦରକାର। ଜୀବନ ବଂଚାଇବା ଠାରୁ ବଡ କୌଣସି ଛବି ନାହିଁ, ଜୀବନ ରକ୍ଷା କରିବାଠାରୁ ବଡ କୌଣସି ପ୍ରଶଂସା ନାହିଁ, ଘରକୁ ସୁସ୍ଥ ଫେରିବାଠାରୁ ବଡ କୌଣସି ସଫଳତା ନାହିଁ।

ଆଜି ଆମେ ଯୁବପିଢିଙ୍କୁ ଏକ କଥା ସ୍ପଷ୍ଟ ଭାବେ କହିବାକୁ ଚାହୁଁ–ଜୀବନକୁ ଅସ୍ଥାୟୀ ପ୍ରଶଂସା ପାଇଁ ବିକ୍ରି କରନାହିଁ। ଛବି ଆସନ୍ତାକାଲି ମଧ୍ୟ ନିଆଯାଇପାରିବ, ଭ୍ରମଣ ପୁଣି କରାଯାଇପାରିବ, ବନ୍ଧୁମାନଙ୍କ ସହ ଆନନ୍ଦ ପୁଣି କରାଯାଇପାରିବ, କିନ୍ତୁ ହରାଇଥିବା ଜୀବନ ପୁଣି ଫେରିବ ନାହିଁ। ତେଣୁ ଯେଉଁଠି ବିପଦ ଅଛି,ସେଠାରେ ଗୋଟିଏ ପାଦ ପଛକୁ ହଟିବାକୁ ଦୁର୍ବଳତା ଭାବନାହିଁ। ପ୍ରକୃତ ବୁଦ୍ଧିମତା ହେଉଛି କେବେ ଆଗକୁ ଯିବା ଏବଂ କେତେ ପଛକୁ ହଟିବା ଜାଣିବା। ଜୀବନରେ ଅନେକ ସୁଯୋଗ ଆସିବ, ଅନେକ ସ୍ୱପ୍ନ ପୂରଣ କରିବାକୁ ହେବ, ପରିବାରକୁ ଗର୍ବିତ କରିବାକୁ ହେବ, ସମାଜ ପାଇଁ କାମ କରିବାକୁ ହେବ। ଗୋଟିଏ ଅସାବଧାନ ମୁହୂର୍ତ୍ତ ପାଇଁ ସେସବୁ ସମ୍ଭାବନାକୁ ନଷ୍ଟ କରିଦେବା କେବେ ମଧ୍ୟ ବୁଦ୍ଧିମାନଙ୍କ କାମ ନୁହେଁ। ଆମକୁ ଏକ ନୂଆ ସାମାଜିକ ମନୋଭାବ ଗଢିବାକୁ ହେବ– ବିପଦପୂର୍ଣ୍ଣ ଛବିକୁ ପ୍ରଶଂସା ନୁହେଁ, ସୁରକ୍ଷିତ ଆଚରଣକୁ ପ୍ରଶଂସା, ନିୟମ ଭାଙ୍ଗିବାକୁ ସାହସ ନୁହେଁ, ନିୟମ ମାନିବାକୁ ସାହସ, ଜୀବନକୁ ବିପଦରେ ପକାଇବାକୁ ରୋମଂଚ ନୁହେଁ, ଜୀବନକୁ ସମ୍ମାନ କରିବାକୁ ଗର୍ବ। ଯଦି ଗୋଟିଏ ଯୁବକ ଏହି ବାର୍ତ୍ତା ପଢି ଆସନ୍ତାକାଲି ଗୋଟିଏ ବିପଦପୂର୍ଣ୍ଣ ସ୍ଥାନରୁ ପଛକୁ ଫେରିଆସେ, ତେବେ ଏହି ଚେତାବନୀ ସଫଳ, ଯଦି ଜଣେ ବନ୍ଧୁ ନିଜ ସାଙ୍ଗକୁ ବିପଦରୁ ରୋକିଦିଏ,ତେବେ ଏହି ଆଲୋଚନା ସଫଳ, ଯଦି ଜଣେ ଅଭିଭାବକ ନଜ ପିଲାଙ୍କ ସହ ଜୀବନ ସୁରକ୍ଷା ବିଷୟରେ ଖୋଲା ଆଲୋଚନା କରନ୍ତି, ତେବେ ଆମ ସମାଜ ଗୋଟିଏ ପଦକ୍ଷେପ ଆଗକୁ ବଢିବ। ମନେ ରଖିବାକୁ ହେବ–ଛବିର ମୂଲ୍ୟ ଥାଇପାରେ, ସ୍ମୃତିର ମୂଲ୍ୟ ଥାଇପାରେ,ପ୍ରଶଂସାର ମୂଲ୍ୟ ଥାଇପାରେ, କିନ୍ତୁ ଜୀବନର ମୂଲ୍ୟ ସେସବୁଠାରୁ ଅସୀମ ଅଧିକ। ଆମ ଯୁବପିଢି ଦେଶର ଭବିଷ୍ୟତ, ସେମାନଙ୍କ ହାତରେ ରହିଛି ପରିବାରର ସ୍ୱପ୍ନ, ସମାଜର ଆଶା ଓ ଦେଶର ଆଗାମୀ ଦିନ। ତେଣୁ ଗୋଟିଏ ମୁହୂର୍ତ୍ତର ଦେଖାଣି ପାଇଁ ସେହି ଭବିଷ୍ୟତକୁ ବିପଦରେ ପକାଇବା ନୁହେଁ।

ଜୀବନକୁ ଭଲପାଅ, ବିପଦକୁ ଚିହ୍ନ, ସଚେତନ ରୁହ, ବନ୍ଧୁକୁ ସଚେତନ କର ଏବଂ ଘରକୁ ସୁସ୍ଥ ଫେର। କାରଣ ଗୋଟିଏ ଛବି ଆପଣଙ୍କୁ କିଛି ମୁହୂର୍ତ୍ତ ପାଇଁ ସ୍ମରଣୀୟ କରିପାରେ, କିନ୍ତୁ ଆପଣଙ୍କ ଜୀବନ ଆପଣଙ୍କୁ ସମଗ୍ର ଜୀବନ ପାଇଁ ମୂଲ୍ୟବାନ କରିରଖେ। ସେଥିପାଇଁ ଶେଷ କଥା ଗୋଟିଏ–ଛବି ପାଇଁ ଜୀବନ ନୁହେଁ, ଜୀବନ ପାଇଁ ଛବି। ଜୀବନ ଅମୂଲ୍ୟ, ତାହାକୁ ଗୋଟିଏ ମୁହୂର୍ତ୍ତରେ ଅସାବଧାନତାରେ ହରାଇବା ନାହିଁ।

ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ
ମୋ ନଂ-୯୪୩୭୯୯୪୩୭୯

# ମୋଟାପଣ ମାପିବାକୁ ନୂଆ ଉପାୟ

ନାରାୟଣ ଚନ୍ଦ୍ର ବିଶ୍ୱାଳ

କେଉଁଠି ନା କେଉଁଠି ଓଜନ କମାଇବାର କାହାଣୀ ଅନେକଙ୍କୁ ପ୍ରେରଣା ଯୋଗାଏ। କୌଣସି କାରଣ ପାଇଁ ଓଜନ ବଢ଼ିଗଲେ ଏହାଦ୍ୱାରା କେବଳ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇନଥାଏ ବଞ୍ଚିବା ମୁସ୍କିଲ ହୋଇଯାଏ ହେଲେ ଦୃଢ଼ ନିଷ୍ଠା ଓ ମନୋବଳ ରଖି ଓଜନ କମାଇବାର ଏକ ରୁଟିନ ତିଆରି କରି ଜୀବନ ଆରମ୍ଭ କଲେ ଦେଖିବେ ଓଜନ କମିବା ଥୟ। କୌଣସି ବ୍ୟକ୍ତିଙ୍କ ମୋଟାପଣ ବା ମେଦବହୁଳତା ନିର୍ଣ୍ଣୟ କରିବା ପାଇଁ ତାଙ୍କ ଶରୀରର ଓଜନ ଓ ଉଚ୍ଚତା ମଧ୍ୟରେ ଥିବା ଅନୁପାତକୁ ବିଚାରକୁ ନିଆଯାଇଥାଏ। ଏହାକୁ 'ବଡ଼ି ମାସ ଇଣ୍ଡେକ୍ସ' କୁହାଯାଏ। ତେବେ ନିକଟରେ ଦଳେ ବିଶ୍ୱସ୍ତରୀୟ ବିଶେଷଜ୍ଞ ବିଏମଆଇକୁ ବିବାଦୀୟ ବୋଲି ଅଭିହିତ କରିଛନ୍ତି।

ଗଣମାଧ୍ୟମରେ ସେମାନଙ୍କର ତଥ୍ୟ ସବୁ ଯାହା ପ୍ରକାଶ ପାଇଛି ସେମାନଙ୍କ କହିବା କଥା, ଅତ୍ୟଧିକ ଚର୍ବି ଜନିତ ମୋଟାପଣ ବା ପୃଥୁଳକାୟତାର ଚିକିତ୍ସାରେ କେବଳ ବିଏମଆଇ ଜାଣିବା ଯଥେଷ୍ଟ ନୁହେଁ। କାରଣ ବେଳେ ବେଳେ ଏହା ମାତ୍ରାଧିକ ମେଦବହୁଳତାକୁ ସୂଚାଉଥାଏ ତ ପୁଣି କେତେବେଳେ ମଧ୍ୟ ମେଦବହୁଳତାକୁ ଅଣଦେଖା କରିଥାଏ। ଉଦାହରଣ ସ୍ୱରୂପ ବିଏମଆଇ ସୂଚକାଙ୍କର ସ୍ୱାଭାବିକ ପରିମାଣ ୩୦ କିମ୍ବା ତା ଠାରୁ କମ ରହିବା ବାଞ୍ଛନୀୟ।

ତେବେ ବେଳେ ବେଳେ ମାତ୍ରାଧିକ ଚର୍ବି ଥିବା ବ୍ୟକ୍ତିଙ୍କର ବିଏମଆଇ ୩୦ ଟପୁନଥିବା ବେଳେ ଶକ୍ତ ମାଂସପେଶୀ ଥିବା କ୍ରୀଡ଼ାବିତଙ୍କ କ୍ଷେତ୍ରରେ ସ୍ୱାଭାବିକ ଚର୍ବି ସତ୍ତ୍ୱେ ବିଏମଆଇ ପରିମାଣ ୩୦ ଉପରେ ଦର୍ଶାଇଥାଏ। ଅପରପକ୍ଷେ, ବିଶେଷଜ୍ଞମାନେ ଶରୀରର ମୋଟାପଣ ମାପିବା ପାଇଁ ଅନ୍ୟ ଏକ ନୂତନ ପଦ୍ଧତି ଅନ୍ୱେଷଣ କରିଛନ୍ତି ଏଥିରେ ଶରୀରର ଉଚ୍ଚତା ଓ ଓଜନ ସମେତ ଅଣ୍ଟାର ଗୋଲେଇ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ବାବଦରେ ତର୍ଜମା କରିବାକୁ ହୋଇଥାଏ।

ସୂଚନାଯୋଗ୍ୟ ସମ୍ପ୍ରତି ସମଗ୍ର ବିଶ୍ୱରେ ପ୍ରାୟ ୧୦୦ କୋଟି ଲୋକ ମେଦବହୁଳତାର ଶିକାର ହୋଇଥିବା ଆକଳନ କରାଯାଇଛି। ବିଶେଷକରି ଆମେରିକାର ପ୍ରାୟ ୪୦ ପ୍ରତିଶତ ନାଗରିକ ମେଦବହୁଳତା ଶରୀର ଧାରଣ କରିଥିବା ଜଣାଯାଇଛି। ଶରୀରର ମେଦବହୁଳତା ହିଁ ହୃଦସମସ୍ୟା ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସଂକଟକୁ ଆମନ୍ତ୍ରଣ କରିଥାଏ। ତେଣୁ ଏହାର ଚିକିତ୍ସା ପାଇଁ ଅନେକ ଆଗଭର ଅଛନ୍ତି। ତେବେ ସେମାନଙ୍କ ଶରୀରର ଅନାବଶ୍ୟକ ମେଦବହୁଳ ସ୍ଥିତି ନିର୍ଣ୍ଣୟ କରିବା ପାଇଁ ଏକ ତ୍ରୁଟିହୀନ ପଦ୍ଧତିର ଆବଶ୍ୟକତା ରହିଛି,ଯାହା କେବଳ ବିଏମଆଇ ମାପିଦେଲେ ଯଥେଷ୍ଟ ହେବନାହିଁ ବୋଲି ୱାସିଂଟନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ମତ ରଖିଛନ୍ତି। ସେମାନଙ୍କ ପଦ୍ଧତିରେ ଦୁଇ ପ୍ରକାରର ଶାରୀରିକ ସ୍ଥିତି ନିର୍ଣ୍ଣୟ କରିବାକୁ ହେବ।

ଗୋଟିଏ ହେଲା କ୍ଲିନିକାଲ ଓବେସିଟି ଏବଂ ଅନ୍ୟଟି ହେଉଛି ପ୍ରିକ୍ଲିନିକାଲ ଓବେସିଟି। କ୍ଲିନିକାଲ ଓବେସିଟି ଦ୍ୱାରା ଶରୀରର ବିଏମଆଇ ସମେତ ମେଦବହୁଳତାର ଅନ୍ୟାନ୍ୟ ସଂକେତ ଜାଣି ହୋଇଥାଏ। ଏଥି ସହିତ ପୃଥୁଳକାୟତା ସହ ଜଡ଼ିତ ହୃଦରୋଗ, ଉଚ୍ଚ ରକ୍ତଚାପ, ଯକୃତ କି ବୃକକ୍ ଜନିତ ରୋଗ ଏବଂ ଦୀର୍ଘଦିନର ଆଣ୍ଠୁଗଣ୍ଠି କି ଅଣ୍ଟା ଯନ୍ତ୍ରଣା ଆଦିର ତର୍ଜମା କରାଯାଇଥାଏ। ଏଭଳି ରୋଗୀଙ୍କର ଚିକିତ୍ସା ଜରୁରୀ। ଅପରପକ୍ଷେ,ପ୍ରିକ୍ଲିନିକାଲ ଓବେସିଟିରେ ଉପରୋକ୍ତ ସମସ୍ୟା ଗୁଡ଼ିକର ଆଶଙ୍କା ଥିବା ଜଣାପଡ଼ିଥାଏ। ମାତ୍ର ରୋଗୀ କୌଣସିଥିରେ ପୀଡ଼ିତ ନଥାଏ। ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରି ଏହାର ଚିକିତ୍ସା କରାଯିବା ସମ୍ଭବ। ସଂପ୍ରତି ଏହି ମେଦବୃଦ୍ଧି ଆଉ ଚିନ୍ତାଜନକ ହୋଇନାହିଁ। ନିଜେ ଶରୀରକୁ ସୁସ୍ଥ ଓ ଫିଟ ରଖିବା ସହ ବିଭିନ୍ନ ଶାରୀରିକ ବ୍ୟାୟାମ, ଡାଏଟିଂ ମଧ୍ୟ କରୁଛନ୍ତି। ସନ୍ତୁଳିତ ଜୀବନ ଦ୍ୱାରା ଶରୀର ପୃଥୁଳକାୟ ହୋଇ ଆପଣଙ୍କ ପାଇଁ ଆଦୌ 'ଅରୂପ' ହେବନାହିଁ।

ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ଼,
ମଙ୍ଗଳାବାଗ, କଟକ
ଦୂରଭାଷ : ୯୪୩୮୨୭୬୭୬୦

# ପରୋପକାର ଶ୍ରେଷ୍ଠ ଧର୍ମ

ପରୋପକାରର ଅର୍ଥ ନିଃସ୍ୱାର୍ଥପର ଭାବେ ଅନ୍ୟକୁ ସାହାଯ୍ୟ କରିବା। ଦିନରେ ସୂର୍ଯ୍ୟ ଓ ରାତିରେ ଚନ୍ଦ୍ର ଆଲୋକ ଦିଏ। ନଦୀ ଦିଏ ଜଳ; ଗଛ ଲତା ଖାଦ୍ୟ ଓ ଅମ୍ଳଜାନ। କିଛି ପାଇବାର ଆଶା ନରଖି, ପ୍ରାକୃତିକ ଭାବେ ସେମାନେ ଏସବୁ ଦିଅନ୍ତି। ଠିକ୍ ସେହିପରି ଅନ୍ୟକୁ ସାହାଯ୍ୟ କରିବା ମନୁଷ୍ୟର ସହଜାତ ଗୁଣ। ତୁଳସୀଦାସ ଲେଖିଯାଇଛନ୍ତି – ପରୋପକାର ଠାରୁ ବଡ଼ ଧର୍ମ କିଛି ନାହିଁ ଏବଂ ପର ପୀଡ଼ାଠାରୁ ବଡ଼ ପାପ କିଛି ନାହିଁ। ପରୋପକାର ଦ୍ୱାରା ମଣିଷର ଆତ୍ମା ସୁଖୀ ହୁଏ ଏବଂ ଏହା ଦ୍ୱାରା ପରମାନନ୍ଦ ମିଳେ। ଅନ୍ୟକୁ ସନ୍ତୁଷ୍ଟ କରିବା ଅର୍ଥ, ନିଜେ ସନ୍ତୋଷ ଲାଭ କରିବା। ମନ, ବଚନ ଓ କର୍ମରେ ପରୋପକାର କରୁଥିବା ମଣିଷ ହିଁ ସନ୍ଥ। ପ୍ରାପ୍ତି କାମନା ବିନା ଅନ୍ୟର ଉପକାର କରୁଥିବା ବ୍ୟକ୍ତିଙ୍କ ଜୀବନ ଧନ୍ୟ। ଶ୍ରୀମଦ୍ ଭଗବତଗୀତରେ କୁହାଯାଇଛି ଉପକାର କରୁଥିବା ମଣିଷର ଇହଲୋକ ବା ପରଲୋକରେ ବିନାଶ ହୁଏନାହିଁ। ତାଙ୍କୁ ସଦ୍‌ଗତି ପ୍ରାପ୍ତ ହୁଏ। ମଣିଷ ଯେତେ ଅଧିକ ପରୋପକାରୀ ହେବେ, ସେତେ ଶୀଘ୍ର ଈଶ୍ୱରଙ୍କ ସାନ୍ନିଧ୍ୟ ଲାଭ କରିବ।

ପରୋପକାରୀ ମଣିଷର ଜୀବନର ଶୋଭା ଓ ମହିମା ବଢ଼େ। ସେ ସଦା ସର୍ବଦା ସୁଖୀ ରହେ। ବେଦରେ କୁହାଯାଇଛି ମଣିଷ ଶୁଦ୍ଧ ପବିତ୍ର ଜୀବନ ବଞ୍ଚିଲେ ସମାଜରେ ଉପକାର, ଦାନଶୀଳ ଓ ସୃଜନ ଭାବ ସୃଷ୍ଟି ହୁଏ। ଉପକାର ବିନା କୌଣସି ଧାର୍ମିକ ଅନୁଷ୍ଠାନରୁ କିଛି ସୁଫଳ ମିଳେନାହିଁ। ତେଣୁ ପରୋପକାର ଶ୍ରେଷ୍ଠ ଧର୍ମ। ଶ୍ରୀ ଶିରିଡ଼ି ସାଇନାଥ ମହାରାଜ ଆମକୁ ଏହି ନୀତି ଚେତନା ଦେଇଛନ୍ତି ଯେ ମନୁଷ୍ୟର ଚରିତ୍ର ଗଠନ ଓ ବ୍ୟକ୍ତିତ୍ୱର ବିକାଶ ପାଇଁ ନୈତିକପୂର୍ଣ୍ଣ ଜୀବନ ସହ ସମାଜ ସେବା ଅତ୍ୟନ୍ତ ଜରୁରୀ। ମନୁଷ୍ୟର ପ୍ରକୃତି ସାଧାରଣତଃ ଚଞ୍ଚଳ ଓ କ୍ଷଣ ଭଙ୍ଗୁର। ଗୋଟିଏ ମୁହୂର୍ତ୍ତରେ ସେ ଆନନ୍ଦରେ ଗଦ ଗଦ ହୋଇଯାଉଥାଏ ଏବଂ ତାହାର ଗୋଡ଼ ତଳେ ଲାଗୁନଥାଏ। ଠିକ ପର ମୁହୂର୍ତ୍ତରେ ଦୁଃଖ ପୁଣି ତାକୁ ଆଚ୍ଛନ୍ନ କରିବସେ। ଏହି ସମୟରେ ଅନେକ ପ୍ରଶ୍ନ ତା ଭିତରେ ଉଙ୍କିମାରେ ଏହାର କାରଣ ହେଉଛି ଆମେ ସବୁ କଥାରେ ଏପରି ଦାସ ବନି ଯାଉଥାଉ ଯେ ପ୍ରତିଦିନ ଆମର ମନକୁ ସ୍ଥିର ରଖିବା ପାଇଁ ଯେଉଁ ଧ୍ୟାନ, ଆଦର୍ଶ ଓ କର୍ମ ଆବଶ୍ୟକ ତାହା ଆମକୁ ଜଣାନାହିଁ। ମନୁଷ୍ୟର ବଡ଼ ଶତ୍ରୁ ହେଉଛି କାମନା। ବାହ୍ୟ ପଦାର୍ଥ ପ୍ରତି ଆକର୍ଷିତ ହେବା ଏହାର ଧର୍ମ ତେଣୁ ମନର ଦୃଢ଼ତା ଦ୍ୱାରା ଭଗବାନଙ୍କର ବାଣୀ ଚିନ୍ତନ ଓ ମନନ କରିବା ଦିଗରେ ଏସବୁ ସହାୟକ ହୋଇଥାଏ। ସବୁବେଳେ ମନକୁ ଭଗବାନ କିମ୍ବା ଗୁରୁଙ୍କ ସ୍ମରଣରେ ଲଗାଇଦେଲେ ତାହା ଇନ୍ଦ୍ରିୟଜନିତ ଅନ୍ୟ ବିଷୟ ଚିନ୍ତନରୁ ଦୂରେଇ ଯିବ। ମନୁଷ୍ୟର ବ୍ୟକ୍ତିତ୍ୱର ବିକାଶ ଏବଂ ଚରିତ୍ର ଗଠନ ନିମନ୍ତେ ଆହ୍ୱାନକୁ ଗ୍ରହଣ କରିବା ଆଜି ଦିନରେ ତାହା ଆମ ଜୀବନର ସଙ୍କଳ୍ପ ହେଉ।

ବିଭୁତି ଭୂଷଣ ସାହୁ
ନପଙ୍ଗ, ଇଟୁଆ, ଟାଙ୍ଗୀ, କଟକ, ମୋ ନଂ: ୯୩୩୮୧୧୧୩୫୫

# କେବେ ସରିବ ଦୁର୍ଗାପୁର ଦୁଃଖ



**ବାଲେଶ୍ୱର:** ସ୍ୱାଧୀନତାର ଦୀର୍ଘ ବର୍ଷ ବିତି ଯାଇଥିଲେ ମଧ୍ୟ ମୌଳିକ ସୁବିଧାରୁ ବଞ୍ଚିତ ରହିଛି ଶଙ୍ଖରା ବ୍ଲକ ମାଖନପୁର ପଞ୍ଚାୟତର ଦୁର୍ଗାପୁର ଗ୍ରାମ। ପ୍ରାୟ ୧୫ ଶହ ଜନସଂଖ୍ୟା ବିଶିଷ୍ଟ ଏହି ଗାଁକୁ ଯିବା ପାଇଁ ରାସ୍ତାଟିଏ ନଥିବାରୁ ଏବେ ସମସ୍ୟା ଘେରରେ ଝୁଲୁଛି ଜନଜୀବନ।

ତରାଙ୍ଗ ମୁଖ୍ୟସଡକରୁ ଦୁର୍ଗାପୁର ଗାଁର ଦୂରତା ମାତ୍ର ୧ କିଲୋମିଟର ହୋଇଥିଲେ ମଧ୍ୟ ସାମାନ୍ୟ ବର୍ଷା ଗ୍ରାମବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟୁଛି। ପାଣି କାଦୁଅ ଭର୍ତ୍ତି ରାସ୍ତା ଏବଂ ନାଳ ଉପରେ ଥିବା ଏକମାତ୍ର ବିପଦସଙ୍କୁଳ ପୋଲ ଦେଇ ଯାତାୟାତ କରିବା ସମୟରେ ପ୍ରତିମୁହୂର୍ତ୍ତରେ ଭୟର ପରିବେଶ ସୃଷ୍ଟି ହେଉଛି। ଗ୍ରାମରେ ଅଙ୍ଗନବାଡ଼ି କେନ୍ଦ୍ର ନଥିବାରୁ କୁନି କୁନି ପିଲାମାନେ ୨ କିମି ଦୂର କାଶିଦିପୁର ଯାଉଥିବା ବେଳେ ହାଇସ୍କୁଲ ଛାତ୍ରଛାତ୍ରୀ ମାଖନପୁର ଓ ତରାଙ୍ଗ ଉପରେ ନିର୍ଭର କରୁଛନ୍ତି।

କେବଳ ଦୁର୍ଗାପୁର ନୁହେଁ, ଏହି ରାସ୍ତା ଦେଇ ରପାୟତପୁର, ଜଡ଼ିଆପଦା, ଭାଟପଦା ଓ ରାଜପଦା ଗ୍ରାମର ଅଧିବାସୀମାନେ ମାଙ୍କଣା ଷ୍ଟେସନକୁ ଯାତାୟାତ କରିଥାନ୍ତି। ନିର୍ବାଚନ ମଣ୍ଡଳୀର ନେତାଙ୍କଠାରୁ ଆରମ୍ଭ କରି ବ୍ଲକ ଓ ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ।

ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ଓ ପୋଲ ନିର୍ମାଣ ନକଲେ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଏବଂ ପଞ୍ଚାୟତ ନିର୍ବାଚନ ବର୍ଜନ କରାଯିବ ବୋଲି ବିଦ୍ୟାଧର ବେହେରା, ପ୍ରଦୀପ ବେହେରା, ଅନାଦି ଚରଣ ସାହୁ, ଗୌରାଙ୍ଗ ବାରିକ, ବାବାଜି ବାରିକ ଓ ପଙ୍କଜ ପାଣିଗ୍ରାହୀ ପ୍ରମୁଖ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ, ଶଙ୍ଖରା ବିଡିଓ ନାରାୟଣ ସାହୁ ଏହି ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ସାମୁଦ୍ରିକ ଥାନା ଖାଲି !




**ବାଲେଶ୍ୱର:** ଜଳପଥ ଦେଇ ବଢୁଥିବା ଅନୁପ୍ରବେଶ, ନିଶାଦ୍ରବ୍ୟ ଚୋରାଚାଲାଣ ଏବଂ ସାମୁଦ୍ରିକ ଅପରାଧକୁ ପ୍ରତିହତ କରିବା ପାଇଁ ରାଜ୍ୟର ଉପକୂଳ ଅଞ୍ଚଳରେ ସାମୁଦ୍ରିକ ଥାନାଗୁଡ଼ିକ ସ୍ଥାପନ କରାଯାଇଥିଲା। କିନ୍ତୁ ବାଲେଶ୍ୱର ଜିଲ୍ଲାର ପ୍ରମୁଖ ଉପକୂଳବର୍ତ୍ତୀ ସାମୁଦ୍ରିକ ଥାନାଗୁଡ଼ିକର ବାସ୍ତବ ଚିତ୍ର ଏବେ ସୁରକ୍ଷା ବ୍ୟବସ୍ଥାର ମୂଳୁଆକୁ ଦୋହଲାଇ ଦେଇଛି। ପ୍ରଥମ ସୁରକ୍ଷାବଳୟ ଭାବେ ପରିଚିତ ଏହି ଥାନାଗୁଡ଼ିକରେ କର୍ମଚାରୀଙ୍କ ଭୟଙ୍କର ଅଭାବ ସୁରକ୍ଷାକୁ ନେଇ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି।ସରକାରୀ ତଥ୍ୟ ଅନୁସାରେ, ବାଲେଶ୍ୱରର କସାଫଳ, ତାଳସାରୀ ଓ ବଳରାମଗଡ଼ି – ଏହି ତିନୋଟି ସାମୁଦ୍ରିକ ଥାନାରେ ମୋଟ୍ ୧୧୭ଟି ପଦବୀ ମଞ୍ଜୁର ହୋଇଥିବାବେଳେ ବାସ୍ତବରେ ମାତ୍ର ୩୩ ଜଣ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ଅର୍ଥାତ୍ ପ୍ରାୟ ୭୨ ପ୍ରତିଶତ ବା ୮୪ଟି ପଦବୀ ଦୀର୍ଘଦିନ ହେବ ଖାଲି ପଡ଼ିଛି। ସବୁଠାରୁ ଚିନ୍ତାଜନକ କଥା ହେଉଛି, ଏହି ତିନୋଟି ଥାନାରେ ଜଣେ ହେଲେ ବି ନିୟମିତ ସବ୍-ଇନ୍ସପେକ୍ଟର ନାହାନ୍ତି। ସେହିପରି ୨୪ଟି ହାବିଲଦାର ପଦବୀରୁ ପ୍ରାୟ ସମସ୍ତ ପଦବୀ ଖାଲି ପଡ଼ିଥିବାବେଳେ କନେଷ୍ଟବଳ ଓ ଏଏସ୍ ଆଇ ସ୍ତରରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳୁଛି। ମାତ୍ର ୨୮ ପ୍ରତିଶତ ବଳକୁ ନେଇ ବିସ୍ତୃତ ଜଳପଥରେ ୨୪ ଘଣ୍ଟିଆ ପାଟ୍ରୋଲିଂ ଏବଂ ସନ୍ଦେହଜନକ ବୋଟ୍ ଯାଞ୍ଚ କରିବା କର୍ତ୍ତୃପକ୍ଷଙ୍କ ପାଇଁ ଅସମ୍ଭବ ହୋଇପଡ଼ିଛି। କାଗଜକଲମରେ ଉପକୂଳ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ ଦେଖାଯାଉଥିଲେ ମଧ୍ୟ ତୃଣମୂଳ ସ୍ତରରେ ଏହା ସମ୍ପୂର୍ଣ୍ଣ ଅରକ୍ଷିତ ହୋଇପଡ଼ିଛି। ଯଦି ଏହି ଗମ୍ଭୀର ସମସ୍ୟା ପ୍ରତି ଦୃଷ୍ଟି ଦିଆ ନ ଯାଏ ଏବଂ ଶୀଘ୍ର ଖାଲି ପଦବୀଗୁଡ଼ିକ ପୂରଣ କରା ନ ଯାଏ, ତେବେ ଆଗାମୀ ଦିନରେ ଏହି ମୁକୁଳା ଜଳପଥ ଅନୁପ୍ରବେଶକାରୀ ଓ ଅପରାଧୀଙ୍କ ପାଇଁ ସୁରକ୍ଷିତ କରିଡ଼ର ପାଲଟିବାର ଆଶଙ୍କାକୁ ଏଡ଼ାଇ ହେବ ନାହିଁ।

# ମାଫିଆଙ୍କ କବ୍‌ଜାରେ ଭୋଗରାଇ ବାଲିଆଡି

**ବାଲେଶ୍ୱର:** ବାଲେଶ୍ୱର ଜିଲ୍ଲା ଭୋଗରାଇ ତହସିଲ ଅଞ୍ଚଳରେ ଦିନକୁ ଦିନ ବାଲି ଚୋରାଚାଲାଣ ଚରମ ସୀମାରେ ପହଞ୍ଚିଛି। ଉପାନ୍ତ ଅଞ୍ଚଳର ପ୍ରାକୃତିକ ସୌନ୍ଦର୍ଯ୍ୟଭରା ବିଶାଳ ବାଲିଆଡ଼ିଗୁଡ଼ିକ ଏବେ ମାଫିଆଙ୍କ କବଳରେ ପଡ଼ିଥିବାବେଳେ ଦିନରାତି ଟ୍ରାକ୍ଟର, ଡମ୍ପର ଓ ଇଞ୍ଜିନଚାଳିତ ରିକ୍ସା ଯୋଗେ ବାଲି ବୋଝେଇ ହୋଇ ସୀମାନ୍ତ ଅତିକ୍ରମ କରି ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ହୁଗୁଳି ପଞ୍ଚାୟତର ବରବତିଆ, ବିଷାପଦ୍ମପୁର, ବାଜିତପୁରର ଦକ୍ଷିଣ ସରିଷା ଏବଂ ସାହବାଜିପୁରର ଗୟାରିଆ ଆଦି ରାଜସ୍ୱ ଗ୍ରାମର ଗୋଚର, ଶ୍ମଶାନ ଓ ଅନାବାଦି ସରକାରୀ ଜମିରୁ ବେଆଇନ ଭାବେ ବାଲି ଖୋଳାଯାଉଛି।

ରାତିଅଧିଆ ମେସିନ ସାହାଯ୍ୟରେ ବାଲି ଉତ୍ତୋଳନ ହେଉଥିବାରୁ ପାହାଡ଼ ସଦୃଶ ବାଲିଆଡ଼ିଆଗୁଡ଼ିକ କ୍ଷତିଗ୍ରସ୍ତ ହୋଇ ଗଭୀର ଗର୍ତ୍ତ ସୃଷ୍ଟି ହେଲାଣି। ଏହି ଭାରୀ ଯାନ ଚଳାଚଳ ଯୋଗୁଁ ଗ୍ରାମ୍ୟ ରାସ୍ତାଘାଟ ନଷ୍ଟ ହୋଇଯିବା ସହ ସାଧାରଣ ଜନତା, ଛାତ୍ରଛାତ୍ରୀ ଏବଂ ରୋଗୀଙ୍କ ଯାତାୟାତ ବିପଜ୍ଜନକ ହୋଇପଡ଼ିଛି।ବାରମ୍ବାର ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଅଣାଯାଇଥିଲେ ମଧ୍ୟ ଆଶାନୁରୂପ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ।

# ବୋଲ ମାନୁନାହାନ୍ତି ବାଇକ୍ ଚୋର

**ବାଲେଶ୍ୱର:** ବାଲେଶ୍ୱରରେ ପୁଣି ପଦାକୁ ଆସିଛି ଅପରାଧର ଅକ୍ଷୟ କାହାଣୀ। ସହରରୁ ବାଇକ୍ ଚୋରି ରାକେଟ୍‌ର ପର୍ଦ୍ଦାଫାଶ କରି ବାଲେଶ୍ୱର ସଦର ଥାନା ପୁଲିସ ଏକ ବଡ଼ଧରଣର ସଫଳତା ହାସଲ କରିଛି। ଗଡ଼ଗଡ଼ିଆ ଛକ ନିକଟରେ ଆଇଆଇସି ବିଜୟ କୁମାର ଦାସଙ୍କ ନେତୃତ୍ୱରେ ଚାଲିଥିବା କଡ଼ା ଯାଞ୍ଚ ବେଳେ ଏହି ଅନ୍ତଃରାଜ୍ୟ କିମ୍ବା ସ୍ଥାନୀୟ ସିଣ୍ଡିକେଟ୍‌ର ସୁରାକ୍ ମିଳିଥିଲା।

ପୁଲିସ ଚଢ଼ଉ କରି ୪ ଜଣ କୁଖ୍ୟାତ ଅପରାଧୀଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ମୋଟ ୧୦ଟି ଚୋରା ବାଇକ୍ ଜବତ କରିଛି। ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଅତିରିକ୍ତ ଏସପି ପରେଶ ରାଉତ ଏକ ପ୍ରେସମିଟ୍‌ରେ ଏହି ସଫଳତା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି। ତେବେ ଏହି ଘଟଣାର ସବୁଠାରୁ ଚାଞ୍ଚଲ୍ୟକର ଦିଗ ହେଉଛି ଗିରଫ ଅଭିଯୁକ୍ତମାନଙ୍କର ଅପରାଧିକ ଇତିହାସ। ପୁଲିସ ରେକର୍ଡ଼ ଅନୁଯାୟୀ, ଏହି ୪ ଜଣଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ମୋଟ ୨୦ଟି ମାମଲା ରହିଛି।

ବିଶେଷ କରି ଉମେଶ ଚନ୍ଦ୍ର ମାଝୀ ଓରଫ ବାଦଲଙ୍କ ନାମରେ ସର୍ବାଧିକ ୪୫ଟି ମାମଲା ଥିବାବେଳେ ଧୀରଜ ବେହେରା ଓ ସବତା ଟେରେଙ୍କ ନାମରେ ୯ଟି ଲେଖାଏଁ ଏବଂ ପିତାମ୍ବର ମାଝୀଙ୍କ ନାମରେ ୭ଟି ମାମଲା ରହିଛି। ଚୋରି, ମାରପିଟ୍, ନିଶା କାରବାର ଏବଂ ଆର୍ମସ ଆକ୍ଟ ଭଳି ସଂଗୀନ ଅପରାଧରେ ସମ୍ପୃକ୍ତ ଥାଇ ମଧ୍ୟ ଏମାନେ କିପରି ବାରମ୍ବାର ବାହାରକୁ ଆସି ପୁଣି ଏଭଳି ସିଣ୍ଡିକେଟ୍ ଚଳାଉଥିଲେ, ତାହା ବର୍ତ୍ତମାନ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଏହି ଚୋରା ଗାଡ଼ିଗୁଡ଼ିକ ମୁଖ୍ୟତଃ ବେଆଇନ ମଦ ଚାଲାଣ ପାଇଁ ବ୍ୟବହାର କରାଯାଉଥିଲା।

ଜବତ ହୋଇଥିବା ୨୦ଟି ବାଇକ୍ ମଧ୍ୟରୁ କେତେକ ଗାଡ଼ିରେ ନମ୍ବର ପ୍ଲେଟ୍ ନଥିବାରୁ ଏହାର ପ୍ରକୃତ ମାଲିକାନା ଖୋଜିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି। ଏହା କେବଳ ୪ ଜଣଙ୍କ କାମ ନା ଏହା ପଛରେ ଏକ ବଡ଼ ନେଟ୍‌ୱର୍କ କାମକରୁଛି, ତାହା ଉପରୁ ପରଦା ହଟାଇବାକୁ ପୁଲିସ ଏବଂ ସାଇବର ଟିମ୍ ସମ୍ପୂର୍ଣ୍ଣ ଚେନ୍ ଖୋଳତାଡ଼ ଆରମ୍ଭ କରିଛି।

# ବାହାବଳପୁର ବାଲିଚର ପାଇଁ ସଙ୍କଟରେ ମତ୍ସ୍ୟଜୀବୀ

**ବାଲେଶ୍ୱର:** ବାଲେଶ୍ୱର ସଦର ବ୍ଲକ ଅଧୀନସ୍ଥ ବାହାବଳପୁର ନଦୀମୁହାଣ ଏବେ ହଜାର ହଜାର ମତ୍ସ୍ୟଜୀବୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଜଳକା ନଦୀ ଓ ସମୁଦ୍ରର ମିଳନସ୍ଥଳରେ ବାଲି ଜମି ଜଳପଥ ସଂକୀର୍ଣ୍ଣ ଓ ଅଗଭୀର ହୋଇଯାଇଥିବାରୁ ଝଡ଼ତୋଫାନ ସମୟରେ ବୋଟ୍ ଓ ଟ୍ରଲର ଯିବାଆସିବାରେ ପ୍ରବଳ ଅସୁବିଧା ସୃଷ୍ଟି ହେଉଛି। ଡୁବଲାଗଡ଼, ଇଞ୍ଚୁଆ, କୁରାଡ଼ିହା ଓ ରସଲପୁର ଆଦି ଆଖପାଖ ଅଞ୍ଚଳର ପ୍ରାୟ ୨୦ ହଜାରରୁ ଅଧିକ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଏହି ମତ୍ସ୍ୟ ବ୍ୟବସାୟ ଉପରେ ନିର୍ଭରଶୀଳ। ନଦୀମୁହାଣରେ ବାଲିଚର ଜମି ରହିଥିବାରୁ ବିପଦ ସମୟରେ କୂଳକୁ ଫେରୁଥିବା ମତ୍ସ୍ୟଜୀବୀମାନେ ଅଧାପଥରେ ଅଟକି ଯାଉଛନ୍ତି ଏବଂ ବଡ଼ ଲହରିରେ ବୋଟ୍ ଓଲଟି ପଡ଼ିବାର ଆଶଙ୍କା ବଢ଼ିଯାଉଛି। ବାହାବଳପୁର ଟ୍ରଲର ଓନର୍ସ ଆସୋସିଏସନ ଏବଂ ସ୍ଥାନୀୟ ପ୍ରତିନିଧିମାନଙ୍କ କହିବା ଅନୁଯାୟୀ, ଏନେଇ ବାରମ୍ବାର ଜିଲ୍ଲା ପ୍ରଶାସନ ଓ ମତ୍ସ୍ୟ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ମିଳିପାରି ନାହିଁ। ମତ୍ସ୍ୟଜୀବୀମାନେ ତୁରନ୍ତ ନଦୀମୁହାଣର ସର୍ଭେ କରାଯିବା ସହ ଡ୍ରେଜିଂ ମେସିନ୍ ଲଗାଇ ଖନନ କାର୍ଯ୍ୟ କରାଯାଉ ବୋଲି ଦାବି କରିଛନ୍ତି। ଯଦି ପ୍ରଶାସନ ପକ୍ଷରୁ ଏ ଦିଗରେ ଶୀଘ୍ର ପଦକ୍ଷେପ ନିଆ ନ ଯାଏ, ତେବେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# କେବେ କାର୍ଯ୍ୟକ୍ଷମ ହେବ ଗଣେଶ୍ୱରପୁର ବସ୍‌ଷ୍ଟାଣ୍ଡ



**ବାଲେଶ୍ୱର:** ଦିନକୁ ଦିନ ଦ୍ରୁତ ଗତିରେ ବିକାଶ ପଥରେ ଆଗେଇ ଚାଲିଛି ବାଲେଶ୍ୱର ଜିଲ୍ଲାର ଐତିହାସିକ ତଥା ଶିକ୍ଷାନଗରୀ ରେମୁଣା। ଫକୀରମୋହନ ମେଡିକାଲ କଲେଜ, ବିଶ୍ୱବିଦ୍ୟାଳୟ, ଏମ୍ ସାଟେଲାଇଟ୍ ସେଣ୍ଟର ସମେତ ବହୁ ନାମକରା ଶିକ୍ଷାନୁଷ୍ଠାନ ଏବଂ ବିଶ୍ୱପ୍ରସିଦ୍ଧ ଖୀରଚୋରା ଗୋପୀନାଥ ମନ୍ଦିର ଭଳି ପୀଠ ଯୋଗୁଁ ଏଠାରେ ପ୍ରତିଦିନ ହଜାର ହଜାର ଲୋକଙ୍କ ସମାଗମ ହେଉଛି। ମାତ୍ର ଏତେ ସବୁ ବିକାଶ ସତ୍ତ୍ୱେ ଗମନାଗମନ ପାଇଁ ଏକ ସ୍ୱତନ୍ତ୍ର ବସ୍‌ଷ୍ଟାଣ୍ଡ ନଥିବା ଯାତ୍ରୀମାନଙ୍କ ପାଇଁ ଏକ ବଡ଼ ସମସ୍ୟା ପାଲଟିଛି। ରେମୁଣା ଗୋଲେଇ ନିକଟ ଗଣେଶ୍ୱରପୁର ଅର୍ମାଳ ପଡିଆରେ ନୂତନ ଭାବେ ଏକ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଥିଲେ ହେଁ, ଦୀର୍ଘଦିନ ଧରି ଏହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ଫଳରେ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଥିଲେ ମଧ୍ୟ ଏହା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି ଏବଂ ସମ୍ମୁଖରେ ଥିବା ସୌନ୍ଦର୍ଯ୍ୟକରଣ କାରୁକାର୍ଯ୍ୟ ମଧ୍ୟ ନଷ୍ଟ ହେବାକୁ ବସିଲାଣି। ଏଭଳି ଦୃଶ୍ୟ ସାଧାରଣରେ ଗଭୀର ଅସନ୍ତୋଷ ସୃଷ୍ଟି କରିଛି।

# ଜଳ ନିଷ୍କାସନ ରାସ୍ତାରେ କଂକ୍ରିଟ୍ ଜଙ୍ଗଲ

**ବାଲେଶ୍ୱର:** ବହୁ ପୁରାତନ ସଂସ୍କୃତି ଓ ଐତିହ୍ୟର ସାକ୍ଷୀ ଜଳେଶ୍ୱର ସହର ଆଜି ଏକ ଭୟଙ୍କର ସହରାଞ୍ଚଳ ବିପର୍ଯ୍ୟୟ ଆଡ଼କୁ ଦ୍ରୁତ ଗତିରେ ଅଗ୍ରସର ହେଉଛି। କ୍ରମାଗତ ଜନସଂଖ୍ୟା ବୃଦ୍ଧି, ବେଆଇନ ଜବରଦଖଲ ଏବଂ ଅବ୍ୟବସ୍ଥିତ ସହରୀକରଣ ଯୋଗୁଁ ଜଳାଶୟ, ନାଳ ଓ ଚାଷଜମିଗୁଡ଼ିକୁ ପୋତି କଂକ୍ରିଟ୍ ଜଙ୍ଗଲ ସୃଷ୍ଟି କରାଯାଉଛି। ଏହାର କୁପରିଣାମ ସ୍ୱରୂପ, ସାମାନ୍ୟ ବର୍ଷା ଓ ବନ୍ୟା ଜଳରେ ସମ୍ପୂର୍ଣ୍ଣ ସହର ଏବେ ଉବୁଟୁବୁ ହେଉଛି।ପ୍ରଶାସନିକ ଉଦାସୀନତା ଓ ଭୋଟ୍ ବ୍ୟାଙ୍କ ରାଜନୀତି କାରଣରୁ ନାଳଗୁଡ଼ିକ ଉପରେ ବେଆଇନ ନିର୍ମାଣ ଅହେତୁକ ଭାବେ ବଢ଼ିବାରେ ଲାଗିଛି। ସହରର ମୁଖ୍ୟ ନିଷ୍କାସନ ପଥ କୁହାଯାଉଥିବା ବାରମୁହାଁ ପୋଲ ସମେତ ପ୍ରମୁଖ ପୋଲଗୁଡ଼ିକର ମୁହଁ ବନ୍ଦ ହୋଇ ସେଠାରେ ବଡ଼ ବଡ଼ ଅଟ୍ଟାଳିକା ଠିଆ ହୋଇସାରିଲାଣି। ଏହାବ୍ୟତୀତ ସୁବର୍ଣ୍ଣରେଖା ନଦୀର ବେନିୟମ ଖନନ ସହର ପାଇଁ ବିପଦକୁ ଆହୁରି ବଢ଼ାଇ ଦେଇଛି।

ଲକ୍ଷ୍ମଣନାଥ ଓ ଗୋବରଘଟା ପଞ୍ଚାୟତରୁ ଆସୁଥିବା ବର୍ଷାଜଳ ନିଷ୍କାସିତ ହେବାର ବାଟ ବନ୍ଦ ହୋଇଯାଇଥିବାରୁ ୨୦୦୮ ମସିହାର ମହାବନ୍ୟା ଭଳି ଭୟାବହ ସ୍ଥିତି ପୁନରାବୃତ୍ତି ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏହି ଜଟିଳ ପରିସ୍ଥିତିରୁ ସହରକୁ ରକ୍ଷା କରିବାକୁ ହେଲେ ଗୋବରଘଟା ପଞ୍ଚାୟତରୁ ପଶ୍ଚିମବାଡ଼ ପଞ୍ଚାୟତ ପର୍ଯ୍ୟନ୍ତ ଏକ ବୃହତ୍ କେନାଲ ଖୋଳାଯିବା ସହ ଏକ ଦୀର୍ଘମିଆଦୀ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବା ନିତାନ୍ତ ଜରୁରୀ। ପ୍ରଶାସନ ତୁରନ୍ତ ଦୃଢ଼ ପଦକ୍ଷେପ ଗ୍ରହଣ କରି ନିଷ୍କାସନ ପଥକୁ ଜବରଦଖଲ ମୁକ୍ତ ନ କଲେ, ଆଗାମୀ ଦିନରେ ଏହି ଐତିହାସିକ ସହର ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯିବା ଆଶଙ୍କାକୁ ଏଡ଼ାଇ ହେବ ନାହିଁ।

## ପରିଚୟ ହରାଉଛି ପିଆଜ ଚାଷ



**କଳାହାଣ୍ଡି:** ଧାନ ଓ କପା ପରେ କଳାହାଣ୍ଡି ଜିଲ୍ଲାର ପରିଚୟ ସାଜିଥିବା ପିଆଜ ଚାଷ ଆଜି ଗଭୀର ସଙ୍କଟ ଦେଇ ଗତି କରୁଛି । ରାଜ୍ୟ ସରକାରଙ୍କ ଉଦ୍ୟାନ ବିଭାଗ ପକ୍ଷରୁ ଚଳିତବର୍ଷ ଜିଲ୍ଲାକୁ କୌଣସି ପ୍ରକାର ସରକାରୀ ସବ୍‌ସିଡିପ୍ରାପ୍ତ ପିଆଜ ବିହନ ଯୋଗାଇ ଦିଆଯାଇ ନାହିଁ । ଗତବର୍ଷ ଆବଶ୍ୟକତାର ମାତ୍ର ଅଧା ବିହନ ମିଳିଥିବାବେଳେ, ଏଥର ଶହେ ପ୍ରତିଶତ ବିହନ ଯୋଗାଣ ବନ୍ଦ ରହିବା ଚାଷୀଙ୍କ ମହଲରେ ଅସନ୍ତୋଷ ସୃଷ୍ଟି କରିଛି ।ସରକାରୀ ସହାୟତା ଅଭାବରୁ ଚାଷୀମାନେ ବାଧ ହୋଇ ଖୋଲା ବଜାରରୁ କେଜି ପ୍ରତି ୨୭୦୦ ରୁ ୩୦୦୦ ଟଙ୍କା ଚଢ଼ା ଦରରେ ବିହନ କିଣି ଚାଷ କରିବାକୁ ବାଧ ହେଉଛନ୍ତି । ଏହାବତୀତ, ଉତ୍ପାଦିତ ପିଆଜ ସଂରକ୍ଷଣ ପାଇଁ ଜିଲ୍ଲାରେ ଆବଶ୍ୟକୀୟ ଶୀତଳଭଣ୍ଡାର (Cold Storage) ନଥିବାରୁ ଚାଷୀ ଅମଳ ସମୟରେ କମ୍ ଦରରେ ଫସଲ ବିକ୍ରି କରି କ୍ଷତିର ସମ୍ମୁଖୀନ ହେଉଛନ୍ତି । ଭବାନୀପାଟଣା ଓ ଜୁନାଗଡ଼ ଅଞ୍ଚଳରେ ପ୍ରସ୍ତାବିତ ଶୀତଳଭଣ୍ଡାର ନିର୍ମାଣ କାମ କାଗଜପତ୍ରରେ ସୀମିତ ରହିବା ଚାଷୀଙ୍କ ଦୁର୍ଦ୍ଦଶାକୁ ଆହୁରି ବଢ଼ାଇ ଦେଇଛି । ଗୋଲାମୁଣ୍ଡା, ଜୁନାଗଡ଼, ନର୍ଲା, କେସିଙ୍ଗା ଏବଂ କୋକସରା ଭଳି ପ୍ରମୁଖ ବ୍ଲକର ହଜାର ହଜାର ଚାଷୀ ଆଜି ଏହି ସମସ୍ୟା ସହ ସଂଗ୍ରାମ କରୁଛନ୍ତି । ସ୍ଥାନୀୟ ବଜାରରେ ପିଆଜ ଦର ଆକାଶଛୁଆଁ ଥିବାବେଳେ, ସ୍ଥାନୀୟ ଚାଷୀ ଉପକୃତ ହେବା ପରିବର୍ତ୍ତେ ନାସିକ ପିଆଜ ଉପରେ ଭରସା କରିବାକୁ ପଡୁଛି । ତେଣୁ, ଜିଲ୍ଲା ପ୍ରଶାସନ ଓ ଉଦ୍ୟାନ ବିଭାଗ ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ ବିହନ ଯୋଗାଣ ସହ ଶୀତଳଭଣ୍ଡାର ବ୍ୟବସ୍ଥା ନକଲେ କଳାହାଣ୍ଡିର ପିଆଜ ଚାଷ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିବ ।

## କାଗଜକଲମରେ ସୀମିତ ନୂଆପଡ଼ା ଟ୍ରାଫିକ୍ କଟକଣା

**ନୂଆପଡ଼ା :** ନୂଆପଡ଼ା ସହର ଦେଇ ଯାଇଥିବା ୩୫୩ ନମ୍ବର ଜାତୀୟ ରାଜପଥରେ ଦୈନନ୍ଦିନ ହଜାର ହଜାର ସଂଖ୍ୟାରେ ଗାଡ଼ିମୋଟର ଚଳାଚଳ କରୁଥିବାରୁ ସାଧାରଣ ଯାତ୍ରୀ,ପଥଚାରୀ ଏବଂ ସ୍କୁଲ ଛାତ୍ରଛାତ୍ରୀମାନେ ନିରାପଦ ଯାତାୟାତ ନେଇ ଭୀଷଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ଟ୍ରାଫିକ୍ ସମସ୍ୟା ଓ ସଡ଼କ ସୁରକ୍ଷାକୁ ଦୃଷ୍ଟିରେ ରଖି ଗତ ଅଗଷ୍ଟ ୨୬ ତାରିଖରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକର ନିଷ୍ପତ୍ତି ଅନୁଯାୟୀ, ସେପ୍ଟେମ୍ବର ୧ରୁ ନୂଆପଡ଼ା, ଖରିଆର ରୋଡ୍ ଏବଂ ଖଡ଼ିଆଳ ସହରରେ ସକାଳ ୭ଟାରୁ ଅପରାହ୍ନ ୧ଟା ଏବଂ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଭାରୀ ଓ ମାଲବାହୀ ଯାନ ପ୍ରବେଶ ଉପରେ କଟକଣା ଜାରି କରାଯାଇଥିଲା ।ନିୟମ ଅନୁସାରେ ସହର ବାହାରେ ଚେକ୍‌ପୋଷ୍ଟ ନିର୍ମାଣ କରି ନିର୍ଦ୍ଧାରିତ ସ୍ଥାନରେ ଭାରୀଯାନଗୁଡ଼ିକୁ ପାର୍କିଂ କରାଯିବାର ଥିଲା । କିନ୍ତୁ ଆଶ୍ଚର୍ଯ୍ୟର କଥା ଯେ, ନିର୍ଦ୍ଦିଷ୍ଟ ସମୟସୀମା ବିତିଯାଇ ୨୦ ଦିନରୁ ଅଧିକ ସମୟ ହୋଇସାରିଥିଲେ ମଧ ଏହି କଟକଣା ଏଯାଏଁ କାର୍ଯ୍ୟକାରୀ ହୋଇପାରିନାହିଁ । ପ୍ରଶାସନର ଏଭଳି କଟକଣା କେବଳ କାଗଜକଲମ ଏବଂ ଫାଇଲ ଭିତରେ ସୀମିତ ରହିଯାଇଥିବା ଦେଖିବାକୁ ମିଳୁଛି ।

# କାଦୁଅ ରାସ୍ତାରେ ବୁହାହେଲା ଶବ

**କଳାହାଣ୍ଡି:** ୮ କିମି ଶବ ବୋହା ଘଟଣା: ପ୍ରଶାସନର ଚେତା, ଆରମ୍ଭ ହେଲା ରାସ୍ତା ସଫା କାମ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକରୁ ଏକ ବଡ଼ଧରଣର ପ୍ରଶାସନିକ ଉଦାସୀନତା ଓ ପରେ ଜନଆନ୍ଦୋଳନର ସଫଳତାର ଚିତ୍ର ସାମନାକୁ ଆସିଛି ।

ପାଡ଼େପଦର ପଞ୍ଚାୟତର ଦୁରେଶପଦର ଶିବ ମନ୍ଦିରଠାରୁ ଡୁମୁଳି ନାଳା ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ଜେସିବି ସାହାଯ୍ୟରେ କାଦୁଅ ସଫା କାର୍ଯ୍ୟ ଆରମ୍ଭ ହୋଇଛି ।

ଗ୍ରାମବାସୀଙ୍କ ଦୀର୍ଘଦିନର ଅସନ୍ତୋଷ ଏବଂ ନିଜସ୍ୱ ଉଦ୍ୟମ ଶେଷରେ ପ୍ରଶାସନକୁ ବାଧ କରିଛି । ସୂଚନାଯୋଗ୍ୟ, ୨୦୨୫-୨୬ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟରେ ମେଟାଲ ମୁରୁମ ରାସ୍ତା ନିର୍ମାଣ ପ୍ରକଳ୍ପ ଥିଲା । ମାତ୍ର ଅଭିଯୋଗ ହୋଇଥିଲା ଯେ, ରାସ୍ତାରେ ଆବଶ୍ୟକ ସାମଗ୍ରୀ ନ ପକାଇ କେବଳ ମେସିନରେ ଖଳତାଡ଼ା କରାଯାଇଥିଲା ।

ଫଳରେ ଲଗାଣବର୍ଷା ପରେ ରାସ୍ତାଟି କାଦୁଅମୟ ହୋଇ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିଲା । ଏହାର କରୁଣ ଚିତ୍ର ଗତ ଅଗଷ୍ଟ ୧୧ ତାରିଖରେ ଦେଖିବାକୁ ମିଳିଥିଲା, ଯେତେବେଳେ ଭାଟିପାସ ଗ୍ରାମର ଶିବ ମାଝୀଙ୍କ ମୃତଦେହ ବହୁ କଷ୍ଟରେ ଆମ୍ବୁଲାନ୍ସରେ ଆସି କାଦୁଅରେ ଅଟକି ଯାଇଥିଲା ଏବଂ ପରିବାରବର୍ଗ ବାଧ ହୋଇ ରାତିସାରା ଜଙ୍ଗଲରେ ଶବ ରଖି ପରଦିନ କିଲୋମିଟର କିଲୋମିଟର ବୋହି ନେଇଥିଲେ । ଏହି ଅମାନବୀୟ ଓ ମର୍ମନ୍ତୁଦ ଘଟଣା ଗଣମାଧମରେ ପ୍ରସାରିତ ହେବା ପରେ



ମଧ ପ୍ରଶାସନର ନିଦ ଭାଙ୍ଗି ନଥିଲା ।

ଶେଷରେ ଅଞ୍ଚଳବାସୀଙ୍କ ତୀବ୍ର ଅସନ୍ତୋଷ ଓ ସାମୂହିକ ପ୍ରତିବାଦକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି ।

ସାମାଜସେବୀ ଶଙ୍କର ପ୍ରସାଦ ନାଏକଙ୍କ ସୂଚନା ଅନୁଯାୟୀ,ଜେସିବି ମେସିନ୍ ଲଗାଯାଇ ରାସ୍ତାର କାଦୁଅ ସଫା କାମ ଆରମ୍ଭ ହୋଇଥିବାବେଳେ ଜନସାଧାରଣ ଏହି ସମସ୍ୟାର ଏକ ସ୍ଥାୟୀ ଓ ଦୀର୍ଘସ୍ଥାୟୀ ସମାଧାନ ପାଇଁ ଦାବି କରିଛନ୍ତି ।

# ଦଶନ୍ଧିଏ ପରେ ବି ଅଧାରେ ନର୍ଲା 'ପିଓଏଚ୍' କାରଖାନା

**ଭବାନୀପାଟଣା:**କଳାହାଣ୍ଡି ଜିଲ୍ଲାର ଜନସାଧାରଣଙ୍କ ଦୀର୍ଘଦିନର ସ୍ୱପ୍ନ ତଥା ନର୍ଲା ସ୍ଥିତ ପ୍ରସ୍ତାବିତ ଲୋକମୋଟିଭ୍ ପିରିଓଡିକାଲ୍ ଓଭରହଲିଂ (ପିଓଏଚ୍) କାରଖାନା ନିର୍ମାଣ ପ୍ରସଙ୍ଗ ଏବେ ବି ଅନିଶ୍ଚିତତାର ଘେରରେ । ୨୦୧୧ ମସିହାରେ ପ୍ରଥମେ ରେଳୱାଗନ କାରଖାନା ଭାବେ ଘୋଷିତ ହୋଇଥିବା ଏହି ପ୍ରକଳ୍ପ ରାଜନୈତିକ ଟଣାଓଟରା କାରଣରୁ ପ୍ରଥମେ ବିଶାଖାପାଟଣାକୁ ସ୍ଥାନାନ୍ତରିତ ହୋଇଥିଲା । ପରେ ନର୍ଲାବାସୀଙ୍କ ଜୋରଦାର ଆନ୍ଦୋଳନ ତଥା ପ୍ରତିବାଦ ଫଳରେ ବିଦ୍ୟୁତ୍ ରେଳ ଇଞ୍ଜିନ ମରାମତି କାରଖାନା ଭାବେ ଏହାକୁ ପୁନଃସ୍ୱୀକୃତି ମିଳିଥିଲା । ୨୦୨୪ ଜୁଲାଇରେ ପ୍ରଧାନମନ୍ତ୍ରୀ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ମଧ ପ୍ରକଳ୍ପର ପ୍ରକୃତ ରୂପରେଖ ଏବେ ବି ଅଧାରେ ରହିଛି ।ସକରାତ୍ମକ ଦିଗକୁ ବିଚାରକୁ ନେଲେ,ଏହି ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ଆବଶ୍ୟକ ୭୭୦.୫୦୦ ଏକର ଜମି ଅଧିଗ୍ରହଣ କାର୍ଯ୍ୟ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ନର୍ଲା ସମେତ ଉର୍ତାଙ୍ଗ, ରେଗଡ଼ିମାଳ, ସର୍ଗିଗୁଡ଼ା ଓ ଝଲସିରକା ଅଞ୍ଚଳକୁ ନେଇ ଗଠିତ ଏହି ଜମି ପରିସରରେ ଘରୋଇ, ସରକାରୀ ଓ ଜଙ୍ଗଲ ଜମି ଅନ୍ତର୍ଭୁକ୍ତ । ତଥାପି, ବର୍ତ୍ତମାନ ଖୋରକ ଜମିର ଆର୍ଥିକ ଆକଳନ, ଜଙ୍ଗଲ ଜମିରେ ଥିବା ହଜାର ହଜାର ଗଛର ମୂଲ୍ୟାଙ୍କନ ଏବଂ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ନଳକୂପ କ୍ଷତିଗ୍ରସ୍ତ ତଥ୍ୟର ସଠିକ୍ ଆକଳନକୁ ଅପେକ୍ଷା କରାଯାଇଛି । ଅନ୍ୟପକ୍ଷରେ, ଆର୍ଥିକ ପାଣ୍ଠି ଓ ପ୍ରକଳ୍ପର ବ୍ୟୟ ଅଟକଳକୁ ନେଇ ମଧ ଅନିଶ୍ଚିତତା ଦେଖାଦେଇଛି । ପ୍ରାରମ୍ଭରେ ଏହାର ଖର୍ଚ୍ଚ କମ ଥିବାବେଳେ ୨୦୨୨-୨୩ ବେଳକୁ ଏହା ବୃଦ୍ଧି ପାଇ ୩୭୯ କୋଟି ୭୮ ଲକ୍ଷରୁ ଅଧିକ ଟଙ୍କାରେ ପହଞ୍ଚିଥିଲା, କିନ୍ତୁ ବର୍ତ୍ତମାନର ପୂର୍ଣ୍ଣାଙ୍ଗ ଅଟକଳ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ନାହିଁ । ଦୀର୍ଘ ଦଶନ୍ଧି ଅତିକ୍ରାନ୍ତ ହୋଇଯାଇଥିଲେ ହେଁ ଡବଲ୍ ଇଞ୍ଜିନ ସରକାରଙ୍କ ଅଧୀନରେ ଏହି ପ୍ରକଳ୍ପର ଅଗ୍ରଗତି କେବେ ବାସ୍ତବ ରୂପ ନେବ, ତାହାକୁ ନେଇ କଳାହାଣ୍ଡିବାସୀଙ୍କ ମନରେ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ସ୍କୁଲ ଉପରେ କେବେ ପଡ଼ିବ ନଜର

**ଭବାନୀପାଟଣା:** ରାଜ୍ୟରେ ଶିକ୍ଷାର ବିକାଶ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଅଲଗା । କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଅନ୍ତର୍ଗତ ମାଟିଖାଲ ସରକାରୀ ପ୍ରାଥମିକ ବିଦ୍ୟାଳୟ ଏହାର ଏକ ଜ୍ୱଳନ୍ତ ଉଦାହରଣ । ଭିତ୍ତିଭୂମିର ଅଭାବ ଏବଂ ଜମି ସମସ୍ୟା ଯୋଗୁଁ ଏହି ବିଦ୍ୟାଳୟର ଅବସ୍ଥା ଏବେ ଶୋଚନୀୟ ହୋଇପଡ଼ିଛି । ସ୍କୁଲର ନିଜସ୍ୱ ଜମି ନଥିବାରୁ ଏବଂ ଜମିଦାତାଙ୍କ ଆଭିମୁଖ୍ୟ କାରଣରୁ ବିଦ୍ୟାଳୟରେ କୌଣସି ଉନ୍ନୟନମୂଳକ କାମ ହୋଇପାରୁନାହିଁ, ଯାହାଫଳରେ ଆସିଥିବା ସରକାରୀ ପାଣ୍ଠି ମଧ ଫେରିଯାଉଛି ।

ବିଦ୍ୟାଳୟରେ ୪୪ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କ ପାଇଁ ମାତ୍ର ଗୋଟିଏ ମାତ୍ର ଶ୍ରେଣୀଗୃହ ରହିଛି । ଅନ୍ୟ ଦୁଇଟି କୋଠରି ଭଗ୍ନାବସ୍ଥାରେ ଥିବାରୁ ସେଗୁଡ଼ିକରେ ତାଲା ପଡ଼ିଛି । ବିକଳ୍ପ ବ୍ୟବସ୍ଥା ନଥିବାରୁ ସେହି ଭଙ୍ଗା କୋଠରିକୁ ମଧ ରୋଷେଇଶାଳ ଭାବେ ବ୍ୟବହାର କରାଯାଉଛି, ଯେଉଁଠାରେ ବର୍ଷାଦିନେ ପାଣି ଝରି ମଧ୍ୟାହ୍ନ ଭୋଜନ ରୋଷେଇ ବାଧାପ୍ରାପ୍ତ ହେଉଛି ।

ଏତଦ୍‌ବ୍ୟତୀତ ଗୋଟିଏ କୋଠରିରେ ସମସ୍ତ ଶ୍ରେଣୀର ପିଲାଙ୍କୁ ଏକାଠି ବସାଇ ପାଠ ପଢ଼ାଯାଉଥିବାରୁ ଶିକ୍ଷାଦାନ ଗଭିର ଭାବେ ପ୍ରଭାବିତ ହେଉଛି । ଏନେଇ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ, ବିଡିଓ ଏବଂ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ । କେବଳ ମାଟିଖାଲ ନୁହେଁ, ବ୍ଲକର କସାବାହି, କଛାର ପଡ଼ା, ହାରାମାଳ, ନୂଆଗାଁ, ଡୁମେର ମୁଣ୍ଡା ଏବଂ ଭାଲୁଟୁଡ଼ା ଭଳି ଅନେକ ଗ୍ରାମରେ ସମାନ ସମସ୍ୟା ଲାଗିରହିଛି । ଅନୁନ୍ନତ ଭିତ୍ତିଭୂମି ଓ ପ୍ରଶାସନିକ ଉଦାସୀନତା ଯୋଗୁଁ ଅବହେଳିତ ହୋଇପଡ଼ିଥିବା ଏହି ବିଦ୍ୟାଳୟଗୁଡ଼ିକର ସମସ୍ୟା ସମାଧାନ ପାଇଁ ଜିଲ୍ଲା ଉଚ୍ଚକର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ମୁରବୀ ଶୂନ୍ୟ ହାଇସ୍କୁଲ

## ୧୨୯ ହାଇସ୍କୁଲ ମୁରବୀ ଶୂନ୍ୟ

**ଭବାନୀପାଟଣା:** କଳାହାଣ୍ଡି ଜିଲ୍ଲାର ଏକ ପ୍ରମୁଖ ଆଦିବାସୀ ଅଧ୍ୟୁଷିତ ତଥା ଶିକ୍ଷାକ୍ଷେତ୍ରରେ ପଛୁଆ ଅଞ୍ଚଳ ଭାବେ ପରିଚିତ ଥୁଆମୂଳ ରାମପୁର ବ୍ଲକରେ ସରକାରୀ ଶିକ୍ଷା ବ୍ୟବସ୍ଥା ଏବେ ଗଭୀର ସଙ୍କଟ ଦେଇ ଗତି କରୁଛି ।

ବ୍ଲକର ମୋଟ ୧୨୯ଟି ଉଚ୍ଚ ବିଦ୍ୟାଳୟରେ ଦୀର୍ଘଦିନ ହେଲା ନିୟମିତ ପ୍ରଧାନଶିକ୍ଷକ ପଦ ଖାଲି ପଡ଼ିଥିବା ବେଳେ ସହକାରୀ ଶିକ୍ଷକମାନଙ୍କୁ କାମଚଳା ଦାୟିତ୍ୱ ଦିଆଯାଇ ବିଦ୍ୟାଳୟ ପରିଚାଳନା କରାଯାଉଛି । ଫଳରେ ମଧ୍ୟାହ୍ନ ଭୋଜନ, କାର୍ଯ୍ୟାଳୟ କାଗଜପତ୍ର ଏବଂ ପ୍ରଶାସନିକ କାର୍ଯ୍ୟରେ ଶିକ୍ଷକଙ୍କ ସମୟ ଅଧିକ ବ୍ୟୟ ହେଉଥିବାରୁ ନିୟମିତ ଶିକ୍ଷାଦାନ ଗରୁତର ଭାବେ ପ୍ରଭାବିତ ହେଉଛି ।ଏହି ସମସ୍ୟା କେବଳ ବିଦ୍ୟାଳୟ ସ୍ତରରେ ସୀମିତ ନାହିଁ; ବ୍ଲକ ଶିକ୍ଷା ବ୍ୟବସ୍ଥାର ମେରୁଦଣ୍ଡ ସଦୃଶ ଗୋଷ୍ଠୀ ଶିକ୍ଷାଧିକାରୀ (ବିଇଓ) ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ (ଏବିଇଓ) ପଦ ମଧ ଦୀର୍ଘ ଦିନୁ ଖାଲି ରହିଛି । ବର୍ତ୍ତମାନ ଜଣେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ କାମଚଳା ଭାବେ ଏହି ଦାୟିତ୍ୱ ତୁଲାଉଛନ୍ତି । ଏହାଛଡ଼ା, ଦୁର୍ଗମ ଅଞ୍ଚଳକୁ ବଦଳି ହୋଇଥିବା କିଛି ଶିକ୍ଷକ ନିର୍ଦ୍ଧାରିତ ସ୍ଥାନରେ ଯୋଗଦାନ କରିବାରୁ ଓହରି ଯାଉଥିବା ଅଭିଯୋଗ ମଧ ସାମ୍ନାକୁ ଆସିଛି ।

ଆଦିବାସୀ ଅଞ୍ଚଳର ଗରିବ ପରିବାରର ପିଲାମାନଙ୍କ ପାଇଁ ସରକାରୀ ବିଦ୍ୟାଳୟଗୁଡ଼ିକ ହିଁ ହେଉଛି ଶିକ୍ଷାର ମୁଖ୍ୟ ଆଶ୍ରୟସ୍ଥଳ । କିନ୍ତୁ ଏଭଳି ଅବହେଳିତ ଓ ଶୂନ୍ୟସ୍ଥାନ ପରିସ୍ଥିତି ଜାରି ରହିଲେ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଗତି କରିବ । ତେଣୁ ତୁରନ୍ତ ଖାଲିଥିବା ପ୍ରଧାନଶିକ୍ଷକ, ବିଇଓ ଏବଂ ଏବିଇଓ ପଦବୀ ଗୁଡ଼ିକୁ ପୂରଣ କରିବା ସହ ବଦଳି ଆଦେଶ ପରେ ଶିକ୍ଷକମାନଙ୍କର ନିର୍ଦ୍ଦିଷ୍ଟ ସ୍ଥାନରେ ଯୋଗଦାନକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ସମ୍ବଲପୁରରେ ୧୦୮ ଆମ୍ବୁଲାନ୍ସ ସେବା ବିପର୍ଯ୍ୟସ୍ତ

# ଜୀବନ ସହ ଖେଳୁଛି ପ୍ରଶାସନିକ ବେପରୁଆ ନୀତି

**ସମ୍ବଲପୁର :**ସମ୍ବଲପୁର ସହରରେ ସରକାରୀ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପୁଣି ଥରେ ପଦାକୁ ଆସିଛି । ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଉଦ୍ଦିଷ୍ଟ '୧୦୮ ଆମ୍ବୁଲାନ୍ସ' ସେବା ବର୍ତ୍ତମାନ ସମ୍ବଲପୁରରେ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ ହୋଇଛି । ଗାଡ଼ିରେ ତେଲ ପକାଇବା ପାଇଁ ଦେଢ଼ ଘଣ୍ଟା ସମୟ ଲାଗୁଥିବା ବେଳେ ଏଭଳି ଗୁରୁତର ଅବହେଳା ଯୋଗୁଁ ଦୁର୍ଘଟଣାଗ୍ରସ୍ତ ରୋଗୀମାନେ ସମୟମତେ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି ।ସୂଚନା ଅନୁଯାୟୀ, ସମ୍ବଲପୁରର ବରେଇପାଲି ଅଞ୍ଚଳରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟି ଦୁଇ ଜଣ ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ବାସିନ୍ଦା ନନ୍ଦୁ ରଜକ ତୁରନ୍ତ ଉଭୟଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ମାତ୍ର ସେଠାରେ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ସେମାନଙ୍କୁ ବୁର୍ଲା ବଡ଼ଡାକ୍ତରଖାନାକୁ ରେଫର୍ କରିଥିଲେ । ବୁର୍ଲା ନେବା ପାଇଁ ଶ୍ରୀ ରଜକ ୧୦୮ ଆମ୍ବୁଲାନ୍ସ ସହ ଯୋଗାଯୋଗ କରିଥିଲେ ମଧ ନିର୍ଦ୍ଦିଷ୍ଟ ସମୟରେ ଗାଡ଼ି ପହଞ୍ଚି ନଥିଲା । ଆଶ୍ଚର୍ଯ୍ୟର କଥା ଯେ, ଦୀର୍ଘ ସମୟ ଅପେକ୍ଷା କରିବା ପରେ ଡ୍ରାଇଭର ଜଣକ ଫୋନ୍ କରି ଗାଡ଼ିରେ ତେଲ ପକାଯାଉଛି ବୋଲି ଅତ୍ୟନ୍ତ ସାଧାରଣ ଉତ୍ତର ରଖିଥିଲେ । ଶେଷରେ କୌଣସି ଉପାୟ ନ ପାଇ ସ୍ଥାନୀୟ ଲୋକେ ନିଜସ୍ୱ ବ୍ୟବସ୍ଥାରେ ରୋଗୀଙ୍କୁ ବୁର୍ଲା ସ୍ଥାନାନ୍ତର କରିଥିଲେ । ଏଭଳି ଘଟଣା ସ୍ୱାସ୍ଥ୍ୟବିଭାଗର କାର୍ଯ୍ୟଦକ୍ଷତା ଏବଂ ପ୍ରଶାସନିକ ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ରୋଗୀଙ୍କ ଜୀବନ ରକ୍ଷା ଭଳି ଏକ ସମ୍ବେଦନଶୀଳ କ୍ଷେତ୍ରରେ ଏପରି ଅବହେଳାକୁ ସାଧାରଣରେ ଦୃଢ଼ ନିନ୍ଦା କରାଯାଇଛି । ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ଦାୟୀ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଏହା ଆହୁରି ଗୁରୁତର ସମସ୍ୟା ସୃଷ୍ଟି କରିବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି ।

# ବିନା ପାଲରେ ଯାଉଛି ବାଲି

## ସବୁ ଦେଖି ବି ଚୁପ୍ ପୌର ପ୍ରଶାସନ



**ବଲାଙ୍ଗୀର:** ବଲାଙ୍ଗୀର ସହର ଭିତରେ ବର୍ତ୍ତମାନ ଯାତାୟାତ ସମ୍ପୂର୍ଣ୍ଣ ଅସୁରକ୍ଷିତ ହୋଇପଡ଼ିଛି। ସହରରେ ଚାଲିଥିବା ବିଭିନ୍ନ ବଡ଼ ବଡ଼ ପ୍ରକଳ୍ପ ଏବଂ ଘରୋଇ ନିର୍ମାଣ କାମ ପାଇଁ ଦିନରାତି ଖୋଲାଖୋଲି ଭାବେ ବାଲି, ସିମେଣ୍ଟ, ମେଟାଲ, ଛଟା ଏବଂ କ୍ରସର ଗୁଣ୍ଡ ପରିବହନ କରାଯାଉଛି।

ନିୟମ ଅନୁଯାୟୀ ଏହି ସାମଗ୍ରୀଗୁଡ଼ିକୁ ପାଲରେ ଘୋଡ଼ାଇ ନେବାର ବ୍ୟବସ୍ଥା ଥିଲେ ମଧ୍ୟ, ଗାଡ଼ିଗୁଡ଼ିକ ବିନା ସୁରକ୍ଷାରେ ଦ୍ରୁତ ଗତିରେ ଯାତାୟାତ କରୁଛନ୍ତି। ଫଳରେ ରାସ୍ତାରେ ପ୍ରବଳ ଧୂଳିମୟ ପରିବେଶ ସୃଷ୍ଟି ହେବା ସହ ସାମଗ୍ରୀଗୁଡ଼ିକ ରାସ୍ତାରେ ପଡ଼ିରହି ଦୁର୍ଘଟଣାର ଆଶଙ୍କା ବଢ଼ାଉଛି।

ସହରର ବିଭିନ୍ନ ସ୍ଥାନରେ ବାଲି ଓ ମେଟାଲ ପାହାଡ଼ ଭଳି ଗଦା ହୋଇ ରହିଥିବାବେଳେ କୋଠା ନିର୍ମାଣ ସ୍ଥଳରେ ମାସ ମାସ ଧରି ଆବର୍ଜନା ପଡ଼ିରହୁଛି। ଏହା ସତ୍ତ୍ୱେ ଜନସାଧାରଣଙ୍କ ସୁରକ୍ଷାକୁ ସଂପୂର୍ଣ୍ଣ ଅଣଦେଖା କରାଯାଉଛି।

ଏଭଳି ବେଆଇନ କାରବାର ବିରୁଦ୍ଧରେ ପୁଲିସ୍, ପୌର କିମ୍ବା ତହସିଲ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା କଥା, କିନ୍ତୁ ପ୍ରଶାସନ ସବୁକିଛି ଦେଖି ମଧ୍ୟ ରହସ୍ୟଜନକ ଭାବେ ଚୁପ୍ ବସିଛି। ସାଧାରଣ ଜନତା କାହାକୁ ଅଭିଯୋଗ କରିବେ ଏବଂ କିପରି ନ୍ୟାୟ ପାଇବେ, ତାହାକୁ ନେଇ ଏବେ ସହରରେ ଅସନ୍ତୋଷ ପ୍ରକାଶ ପାଇଛି।

# ବ୍ୟବସାୟୀଙ୍କ କବ୍‌ଜାରେ ସର୍ଭିସ ରୋଡ୍

**ବଲାଙ୍ଗୀର:** ବଲାଙ୍ଗୀର ସହର ଉପକଣ୍ଠ ମାଧାପାଲି ନିକଟସ୍ଥ ବଲାଙ୍ଗୀର-ବରଗଡ଼ ୭୨ ନଂ ଜାତୀୟ ରାଜପଥରେ ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ଜଟିଳରୁ ଜଟିଳତର ହେବାରେ ଲାଗିଛି। ସହର ଭିତରେ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପ୍ରଶାସନ ଓ ପୁଲିସ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ବେଳେ ଛୋଟ ବ୍ୟବସାୟୀଙ୍କୁ ଟାର୍ଗେଟ୍ କରାଯାଉଛି।

ମାତ୍ର ବଡ଼ ବଡ଼ କାର୍ ସୋରୁମ୍ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକ ଦ୍ୱାରା ରାଜପଥ ଓ ସର୍ଭିସ୍ ରୋଡ୍ ବେଆଇନ ଭାବେ କବ୍‌ଜା ହେଉଥିଲେ ମଧ୍ୟ ପ୍ରଶାସନ ଚୁପ୍ ବସିବା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ଏହି ଅଞ୍ଚଳରେ ରହିଥିବା ମାରୁତି, ମିନର୍ଜା ଏବଂ ନିର୍ମାଣାଧୀନ କିଆ ସୋରୁମ୍ ଆଗରେ ଶହ ଶହ ଦୁଇ ଚକିଆ ଓ ଚାରି ଚକିଆ ଗାଡ଼ିର ବେଆଇନ ପାର୍କିଂ ଯୋଗୁଁ ରାସ୍ତା ଉପରେ ସବୁବେଳେ ଭିଡ଼ ଜମୁଛି।

ବଡ଼ ବଡ଼ ଟ୍ରକ୍‌ରୁ ସାମଗ୍ରୀ ଲୋଡିଂ ଓ ଅନଲୋଡିଂ ବେଳେ ସ୍ଥିତି ଆହୁରି ସାଙ୍ଘାତିକ ହୋଇପଡୁଛି। ସକାଳ ଓ ସନ୍ଧ୍ୟାରେ ଏହି ବେଆଇନ ପାର୍କିଂ ଓ ଯାତାୟାତ ସମସ୍ୟା ଯୋଗୁଁ ଦୁର୍ଘଟଣା ବଢ଼ିବାରେ ଲାଗିଛି ଏବଂ ମାଧାପାଲି ଏକ ପ୍ରକାର 'ବ୍ଲାକ୍‌ସ୍ପଟ୍'ରେ ପରିଣତ ହୋଇଛି।

ସଦର ଥାନା ଅନ୍ତର୍ଗତ ଏହି ଅଞ୍ଚଳରେ ପ୍ରଶାସନର କୌଣସି ନାଲିଆଖି କିମ୍ବା କାର୍ଯ୍ୟାନୁଷ୍ଠାନ ନ ରହିବା ପ୍ରତିଷ୍ଠାନଗୁଡ଼ିକୁ ମନମୁଖୀ କାର୍ଯ୍ୟ କରିବା ପାଇଁ ସୁଯୋଗ ଦେଉଛି।ତେଣୁ ସାଧାରଣ ଜନତାଙ୍କ ଜୀବନ ସୁରକ୍ଷା ନିମନ୍ତେ ଏହି ବେଆଇନ ପାର୍କିଂ ବିରୋଧରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ପୁଲିସ ପ୍ରଶାସନ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ହୋଇପଡ଼ିଛି।

# ଚାଉଳ ରଖିବାକୁ ଜାଗା ଅଭାବ

**ବଲାଙ୍ଗୀର:**ବଲାଙ୍ଗୀର ଜିଲ୍ଲାରେ ପ୍ରତିବର୍ଷ ଧାନ କିଣା ପ୍ରକ୍ରିୟା ସାମ୍ନାକୁ ଆସୁଥିବା ବେଳେ ଚାଉଳ ମହଜୁଦ ଏକ ସାଂଘାତିକ ସମସ୍ୟା ଭାବେ କ୍ଷତ ସୃଷ୍ଟି କରୁଛି। ଭାରତୀୟ ଖାଦ୍ୟ ନିଗମ (FCI) ପକ୍ଷରୁ ସମୟୋଚିତ ଭାବେ ଚାଉଳ ଉଠାଯାଉ ନଥିବାରୁ ଜିଲ୍ଲାର ପ୍ରାୟ ସମସ୍ତ ସରକାରୀ ଗୋଦାମ ଏବେ କଡ଼ା ସଙ୍କଟ ଦେଇ ଗତି କରୁଛି। ଗୋଦାମଗୁଡ଼ିକରେ ଜାଗା ଅଭାବରୁ ମିଲରମାନେ ମଧ୍ୟ ନିଜସ୍ୱ ପରିସରରେ ଶହ ଶହ କ୍ୱିଣ୍ଟାଲ ଚାଉଳ ଗଚ୍ଛିତ ରଖିବାକୁ ବାଧ୍ୟ ହେଉଛନ୍ତି, ଯାହାକି ଆଗାମୀ ଖରିଫ ଧାନ କିଣା ଉପରେ ଗଭୀର ପ୍ରଭାବ ପକାଇବାର ଆଶଙ୍କା ସୃଷ୍ଟି କରିଛି।

ରାଜ୍ୟ ସରକାରଙ୍କ ୮୦୦ ଟଙ୍କା ବୋନସ ପ୍ରଦାନ ପରେ ଜିଲ୍ଲାରେ ଧାନ ସଂଗ୍ରହ ପରିମାଣ ଅତ୍ୟଧିକ ବୃଦ୍ଧି ପାଇଛି। ତଦନୁସାରେ ମିଲରମାନଙ୍କ ମାଧ୍ୟମରେ ପ୍ରସ୍ତୁତ ଚାଉଳ ପରିମାଣ ମଧ୍ୟ ବହୁଗୁଣିତ ହୋଇଛି। କିନ୍ତୁ ସେହି ଅନୁପାତରେ FCI ପକ୍ଷରୁ ଚାଉଳ ଉଠାଣ ନହେବାରୁ ପ୍ରଶାସନର ଚିନ୍ତା ବଢ଼ିଯାଇଛି। ବିଭାଗୀୟ ତଥ୍ୟ ଅନୁଯାୟୀ, ଜିଲ୍ଲାର ମାଥୁଆପାଲି, କଣ୍ଟାବାଞ୍ଜି,ତବେତାମୁଣ୍ଡା, ଚାରଚଟା ଏବଂ ରେଳଷ୍ଟେସନ ରାସ୍ତାରେ ଥିବା ଗୋଦାମଗୁଡ଼ିକ ପ୍ରାୟ ୮୦ ରୁ ୯୨ ପ୍ରତିଶତ ପର୍ଯ୍ୟନ୍ତ ଚାଉଳରେ ଭର୍ତ୍ତି ହୋଇସାରିଛି। ସମୁଦାୟ ୬ ଲକ୍ଷ ୮୫ ହଜାର ୮ ଶହ କ୍ୱିଣ୍ଟାଲ କ୍ଷମତା ବିଶିଷ୍ଟ ଏହି ଗୋଦାମଗୁଡ଼ିକରେ ବର୍ତ୍ତମାନ ପ୍ରାୟ ୨ ଲକ୍ଷ ୪୨ ହଜାର ୨୩୦ କ୍ୱିଣ୍ଟାଲ ଚାଉଳ ଗଚ୍ଛିତ ରହିଛି। ଯଦି ଏହି ସମସ୍ୟାର ସମାଧାନ ଶୀଘ୍ର କରା ନ ଯାଏ, ତେବେ ଆଗାମୀ ଧାନ କିଣା ପ୍ରକ୍ରିୟା ବାଧାପ୍ରାପ୍ତ ହେବା ସହ ମିଲରମାନଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ରତର ହେବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

# ବଲାଙ୍ଗୀର ଯୋଗାଣ ଅଫିସରେ 'ପିସି' ତାତି

**ବଲାଙ୍ଗୀର:**ବଲାଙ୍ଗୀର ଜିଲ୍ଲା ଯୋଗାଣ କାର୍ଯ୍ୟାଳୟରେ ଘଟିଥିବା ଏକ ଅଭୂତପୂର୍ବ ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ବକେୟା ୫୫ ଲକ୍ଷ ଟଙ୍କା ବିଲ୍ ପାସ୍ କରାଇବାକୁ ନେଇ ଜଣେ ଠିକାଦାର ଓ ସହକାରୀ ଆକାଉଣ୍ଟ୍ସ ମ୍ୟାନେଜରଙ୍କ ମଧ୍ୟରେ ବଚସା ହେବା ସହ ଆକ୍ରମଣ ଅଭିଯୋଗ ସାମ୍ନାକୁ ଆସିଛି। ପ୍ରାପ୍ତ ସୂଚନା ମୁତାବକ, ଏମ୍-ଟୁ କଣ୍ଟ୍ରାକ୍ଟର ଭାବେ କାର୍ଯ୍ୟ କରୁଥିବା ସିଦ୍ଧାର୍ଥ ପଟେଲ ଗତ ୨୮ ତାରିଖ ମଧ୍ୟାହ୍ନରେ କାର୍ଯ୍ୟାଳୟକୁ ଯାଇ ଆକାଉଣ୍ଟ୍ସ ମ୍ୟାନେଜର ଶୁଭେନ୍ଦୁ ରାଉତଙ୍କୁ ଭେଟିଥିଲେ। ଏହି ସମୟରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ଘଟି ଶ୍ରୀ ରାଉତଙ୍କୁ ଆକ୍ରମଣ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ତେବେ ଏହି ଘଟଣାରେ ପୁଲିସ ମାମଲା ରୁଜୁ କରିଥିଲେ ମଧ୍ୟ ଅଭିଯୁକ୍ତ ଠିକାଦାରଙ୍କୁ କେବଳ ନୋଟିସରେ ଛାଡ଼ି ଦେଇଥିବାରୁ ପୋଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଏବଂ ପୋଲିସ ସୁରକ୍ଷା ଯୋଗାଉଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ, ଠିକାଦାର ସିଦ୍ଧାର୍ଥ ପଟେଲ ଅଭିଯୋଗ କରିଛନ୍ତି ଯେ ପୂର୍ବରୁ ବିଲ୍ ବାବଦକୁ ୧ ପ୍ରତିଶତ 'ପିସି' (କମିଶନ) ନିଆଯାଉଥିବା ବେଳେ ବର୍ତ୍ତମାନ ୧.୫ ପ୍ରତିଶତ ଦାବି କରାଯାଉଥିବାରୁ ବିଲ୍ ଅଟକ ରହିଛି। ଅପରପକ୍ଷେ, ଆକାଉଣ୍ଟ୍ସ ମ୍ୟାନେଜର ଶ୍ରୀ ରାଉତ ଏହି ପିସି ଦାବି ଅଭିଯୋଗକୁ ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି।

ବିଭାଗୀୟ ପକ୍ଷରୁ ସମ୍ପୃକ୍ତ ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିବା ବେଳେ ଠିକାଦାରଜଣକ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ନିକଟରେ ନିଜର ଜବାବ ଦାଖଲ କରିଛନ୍ତି।

# ଦ୍ୱିତୀୟ ଏମ୍‌ସକୁ ନେଇ ବଢୁଛି ଅସନ୍ତୋଷ

## ପଦୁଟିଏ କହିଲାନି କେନ୍ଦ୍ର

**ବଲାଙ୍ଗୀର:** ଓଡ଼ିଶାରେ ଦ୍ୱିତୀୟ ଏମ୍‌ସ ପ୍ରତିଷ୍ଠା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରସ୍ତାବକୁ କେନ୍ଦ୍ର ସରକାର ପ୍ରତ୍ୟାଖ୍ୟାନ କରିଛନ୍ତି। ସୂଚନା ଅଧିକାର (ଆରଟିଆଇ) ବଳରେ ଏହି ଗୁରୁତ୍ୱପୂର୍ଣ୍ଣ ସତ୍ୟ ସାମ୍ନାକୁ ଆସିଛି, ଯାହାକି ରାଜ୍ୟର ରାଜନୈତିକ ଏବଂ ସାମାଜିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଗତ ୨୦୨୪ ମସିହା ସେପ୍ଟେମ୍ବର ୮ ତାରିଖରେ ସମ୍ବଲପୁରରେ ରାଜ୍ୟର ଦ୍ୱିତୀୟ ଏମ୍‌ସ ପ୍ରତିଷ୍ଠା ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିବା ପରେ ସମଗ୍ର ରାଜ୍ୟରେ ଆନନ୍ଦର ଲହରୀ ଖେଳିଯାଇଥିଲା। ପଶ୍ଚିମ ଓଡ଼ିଶା ସମେତ ଛତିଶଗଡ଼ ଏବଂ ଝାରଖଣ୍ଡର ଲୋକେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇବେ ବୋଲି ଆଶା କରାଯାଉଥିଲା। ତେବେ ଏହାର ଅଗ୍ରଗତି ସମ୍ପର୍କ ଜାଣିବା ପାଇଁ ବଲାଙ୍ଗିରର ବିଶିଷ୍ଟ ଆରଟିଆଇ କର୍ମୀ ହେମନ୍ତ ପଣ୍ଡା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗରୁ ତଥ୍ୟ ମାଗିଥିଲେ।ପ୍ରାପ୍ତ ତଥ୍ୟରୁ ଜଣାପଡ଼ିଛି ଯେ,ଅଗଷ୍ଟ ୨୭ରେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନାଡ୍ଡାଙ୍କୁ ପତ୍ର ଲେଖି ସମ୍ବଲପୁରରେ ଏମ୍‌ସ ପାଇଁ ଅନୁରୋଧ କରିଥିଲେ। କିନ୍ତୁ ଅକ୍ଟୋବର ୨୭ରେ କେନ୍ଦ୍ରମନ୍ତ୍ରୀ ଦେଇଥିବା ଉତ୍ତରରେ ଭୁବନେଶ୍ୱର ଏମ୍‌ସ, ବାଲେଶ୍ୱର ସାଟେଲାଇଟ୍ ସେଣ୍ଟର ଏବଂ ବିଭିନ୍ନ ମେଡିକାଲ କଲେଜରେ ସୁପର ସ୍ପେଶାଲିଟି ବ୍ଲକ୍ କାମର ହିସାବ ଦେଇଥିବା ବେଳେ ସମ୍ବଲପୁର ଏମ୍‌ସ ପ୍ରସଙ୍ଗରେ ପଦଟିଏ ହେଲେ ବି କହି ନାହାନ୍ତି। ଏହି ପରିପ୍ରେକ୍ଷୀରେ, କେନ୍ଦ୍ର ସରକାର ପ୍ରସ୍ତାବକୁ ପରୋକ୍ଷରେ ପ୍ରତ୍ୟାଖ୍ୟାନ କରିଥିବା ଅଭିଯୋଗ ଆସିଛି। ଡବଲ ଇଞ୍ଜିନ ସରକାରଙ୍କ ଏଭଳି ନୀତି ଓଡ଼ିଶାବାସୀଙ୍କୁ ନିରାଶ କରିଥିବା ବେଳେ ଏ ଦିଗରେ କେନ୍ଦ୍ର ସରକାର ପୁନର୍ବିଚାର କରନ୍ତୁ ବୋଲି ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

# ହରିଶଙ୍କରରେ ବିଦେଶୀ ପର୍ଯ୍ୟଟକ



**ବଲାଙ୍ଗିର:** ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟ ଏବଂ ଆଧ୍ୟାତ୍ମିକତାର ମହାସଙ୍ଗମ ତଥା ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପୁଣ୍ୟକ୍ଷେତ୍ର ହରିଶଙ୍କରରେ ସୋମବାର ଏକ ବଡ଼ ଏକାଠି ହେବା ଦେଖିବାକୁ ମିଳିଛି। ଦକ୍ଷିଣ କୋରିଆରୁ ଆସିଥିବା ଛଅ ଜଣିଆ ବିଦେଶୀ ପର୍ଯ୍ୟଟକଙ୍କ ଏକ ଦଳ ରାୟପୁରରୁ ଜଣେ ମାର୍ଗଦର୍ଶକଙ୍କ ସହ ଗାଡ଼ି ଯୋଗେ ଏଠାରେ ପହଞ୍ଚିଥିଲେ। କିଛି ବର୍ଷର ବ୍ୟବଧାନ ପରେ ଏତେ ସଂଖ୍ୟାରେ ବିଦେଶୀ ପର୍ଯ୍ୟଟକ ଏକାସାଙ୍ଗରେ ଏହି କ୍ଷେତ୍ର ପରିଦର୍ଶନ କରିବା, ରାଜ୍ୟର ପର୍ଯ୍ୟଟନ ମାନଚିତ୍ରରେ ହରିଶଙ୍କରର ଗୁରୁତ୍ୱକୁ ଆହୁରି ସମ୍ମାନଜନକ ସ୍ଥାନ ଦେଉଥିବା ଅନୁମାନ କରାଯାଉଛି।ପର୍ଯ୍ୟଟକମାନେ ପ୍ରଥମେ ଗନ୍ଧମାର୍ଦନ ପାହାଡ଼ର ମନମୋହକାରୀ ପ୍ରାକୃତିକ ପରିବେଶ ଏବଂ ସେଠାକାର ଚିରସ୍ରୋତା ପ୍ରାକୃତିକ ଝରଣାର କଳକାକଳୀରେ ବିମୋହିତ ହୋଇଥିଲେ। ଏହାପରେ ସେମାନେ ପ୍ରସିଦ୍ଧ ହରିଶଙ୍କର ମନ୍ଦିର ବୁଲି ଦେଖିବା ସହ ଏହାର ପୌରାଣିକ ଓ ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ଅବଗତ ହୋଇଥିଲେ। ବିଶେଷ କରି ଏହି ଅଞ୍ଚଳରେ ରହିଥିବା ପ୍ରାଚୀନ ବୌଦ୍ଧ କୀର୍ତ୍ତିରାଜି ଏବଂ ସେଗୁଡ଼ିକର ଇତିହାସ ସମ୍ପର୍କରେ ସେମାନେ ସ୍ଥାନୀୟ ଲୋକଙ୍କୁ ବିଭିନ୍ନ ପ୍ରଶ୍ନ ପଚାରି ବିସ୍ତୃତ ତଥ୍ୟ ସଂଗ୍ରହ କରିଥିଲେ।ବିଦେଶୀ ଅତିଥିମାନଙ୍କ ଏହି ଆଗମନକୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ଉତ୍ସାହର ସହ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁରଙ୍କ ସମେତ ମନ୍ଦିରର ଅନ୍ୟାନ୍ୟ କର୍ମଚାରୀ ଓ ପୂଜକମାନେ ଉପସ୍ଥିତ ରହି ପର୍ଯ୍ୟଟକମାନଙ୍କୁ ସ୍ୱାଗତ ଜଣାଇବା ସହ ସେମାନଙ୍କ ପରିଦର୍ଶନକୁ ସ୍ମରଣୀୟ କରିବାରେ ସହଯୋଗ କରିଥିଲେ। ସ୍ଥାନୀୟ ବୁଦ୍ଧିଜୀବୀ ଓ ପର୍ଯ୍ୟଟନ ପ୍ରେମୀମାନେ ମତ ପ୍ରକାଶ କରିଛନ୍ତି ଯେ, ଯଦି ଏହି କ୍ଷେତ୍ରର ପ୍ରଚାର ପ୍ରସାର ଆହୁରି ବ୍ୟାପକ କରାଯାଏ, ତେବେ ଆଗାମୀ ଦିନରେ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ଆହୁରି ବୃଦ୍ଧି ପାଇବ।

# ଓଜନ ଟାମ୍ପରିଂ କରି ବିତରକ ମାଲେମାଲ୍ !



**ବଲାଙ୍ଗୀର:** ଜିଲ୍ଲାରେ ଘରୋଇ ରନ୍ଧନ ଗ୍ୟାସ ବିତରଣ ବ୍ୟବସ୍ଥାରେ ଏକ ବଡ଼ଧରଣର ଜାଲିଆତି ଚାଲିଥିବା ଅଭିଯୋଗ ହୋଇଛି।

ସିଲିଣ୍ଡରରେ ଓଜନ ଟାମ୍ପରିଂ କରି ବିତରକମାନେ ମାଲେମାଲ ହେଉଥିବା ବେଳେ ସାଧାରଣ ଗ୍ରାହକମାନେ ନିରବଚ୍ଛିନ୍ନ ଭାବେ ଠକାମିର ଶିକାର ହେଉଛନ୍ତି। ଏଠାରେ ପ୍ରତି ସିଲିଣ୍ଡର ପିଛା ୨ ରୁ ୩ କେଜି ପର୍ଯ୍ୟନ୍ତ ଗ୍ୟାସ କମ ରହୁଥିବା ସଚେତନ ଗ୍ରାହକମାନେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ ଘରୋଇ ଗ୍ୟାସ ସିଲିଣ୍ଡରରେ ୧୪.୨ କେଜି ଗ୍ୟାସ ରହିବା କଥା ଏବଂ ଖାଲି ସିଲିଣ୍ଡରର ଓଜନ ସହ ମୋଟ ଓଜନ ପ୍ରାୟ ୧୮.୪ କେଜି ହେବା ଆବଶ୍ୟକ। ମାତ୍ର ବାସ୍ତବ ସ୍ଥିତିରେ ଏହା କମ୍ ରହୁଛି। କିଛି ସଚେତନ ଗ୍ରାହକ ଓଜନ କରି ଅଭିଯୋଗ କଲେ ବିତରକମାନେ ଅନ୍ୟ ଏକ ସିଲିଣ୍ଡର ଦେଇ ମାମଲାକୁ ଚପାଇ ଦେଉଛନ୍ତି। ଏପରିକି ଗ୍ୟାସ କମ୍ପାନୀର ସେଲ୍ ମ୍ୟାନେଜରଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ସବୁଠାରୁ ବଡ଼ କଥା ହେଲା, ଏହି ବେଆଇନ କାରବାର ସତ୍ତ୍ୱେ ଉଭୟ ଗ୍ୟାସ କମ୍ପାନୀ ଏବଂ ଜିଲ୍ଲା ଯୋଗାଣ ବିଭାଗ ନୀରବଦ୍ରଷ୍ଟା ସାଜିଛନ୍ତି। ନିୟମିତ ଯାଞ୍ଚ ଅଭାବରୁ ଖାଉଟିମାନେ ଅହେତୁକ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ତେଣୁ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ କଠୋର ଆକ୍‌ସନ ନେବାକୁ ସାଧାରଣରେ ଦାବି ହେଉଛି।

# ବିଶ୍ୱ ମଞ୍ଚରେ କୋରାପୁଟର 'ମାଳିପୁଟ ମେଲୋଡ଼ି'



**କୋରାପୁଟ:**କୋରାପୁଟର ମାଟି, ପାହାଡ଼, ଜଙ୍ଗଲ ଓ ଗ୍ରାମାଞ୍ଚଳର ସ୍ୱାଭାବିକ ଜୀବନଯାତ୍ରାକୁ ନେଇ ନିର୍ମିତ ପ୍ରଶଂସିତ ଓଡ଼ିଆ ଚଳଚ୍ଚିତ୍ର 'ମାଳିପୁଟ ମେଲୋଡ଼ି' ଏବେ ସାରାଜିଲ୍ଲାରେ ଚର୍ଚ୍ଚାର ଶୀର୍ଷରେ ରହିଛି।

ବିଶ୍ୱର ବିଭିନ୍ନ ପ୍ରତିଷ୍ଠିତ ଚଳଚ୍ଚିତ୍ର ମଞ୍ଚରେ ଆଦୃତ ହେବା ପରେ ଆସନ୍ତା ୧୮ ସେପ୍ଟେମ୍ବରରୁ ଏହା ଓଡ଼ିଶାର ପ୍ରେକ୍ଷାଳୟମାନଙ୍କରେ ମୁକ୍ତିଲାଭ କରିବାକୁ ଯାଉଛି।

୫୦ତମ ଆଇଏଫଏଫଆଇ ଗୋଆର 'ଭାରତୀୟ ପାନୋରାମା'ରେ ଏକମାତ୍ର ଓଡ଼ିଆ ଫିଚର ଫିଲ୍ମ ଭାବେ ଚୟନ ହେବା ଏବଂ ଲସ୍ ଆଞ୍ଜେଲସ୍ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ପୁରସ୍କୃତ ହେବା ଏହି ସିନେମାର ଗୌରବକୁ ଆହୁରି ବଢ଼ାଇ ଦେଇଛି। ଏହି ସଫଳତା ପଛର ସବୁଠାରୁ ବଡ଼ ଆକର୍ଷଣ ହେଉଛି ବେପାରୀଗୁଡ଼ା ବ୍ଲକର ଏକ ଦୁର୍ଗମ ଅଞ୍ଚଳରୁ ଆସିଥିବା ଯୁବ ପ୍ରତିଭା ସନା ସେମୁଣ୍ଡୁ।

ଅର୍ଥାଭାବ ଓ ନାନା ପ୍ରତିକୂଳ ପରିସ୍ଥିତି ମଧ୍ୟରେ ପାଠପଢ଼ା ଜାରି ରଖିଥିବା କୋରାପୁଟ ସରକାରୀ ମହାବିଦ୍ୟାଳୟର +୩ ଛାତ୍ର ସନା ଏହି ଚଳଚ୍ଚିତ୍ରରେ ପରିବାରର ଛୋଟ ପୁଅ ଭୂମିକାରେ ମୁଖ୍ୟ ଅଭିନୟ କରିଛନ୍ତି। ଶିକ୍ଷକ ନିଶାନ ପଟ୍ଟନାୟକ ତାଙ୍କ ପ୍ରତିଭାକୁ ଚିହ୍ନଟ କରିବା ପରେ ନିଜ ଜୀବନର ସଂଘର୍ଷ ସହ ଏହି ଚରିତ୍ରର ସାମଞ୍ଜସ୍ୟ ରହିଥିବାରୁ ସନାଙ୍କ ଅଭିନୟ ଅତ୍ୟନ୍ତ ସ୍ୱାଭାବିକ ଓ ପ୍ରାଣାନ୍ତକ ହୋଇପାରିଛି।

ଦକ୍ଷିଣ ଓଡ଼ିଶାର ଗାଁ ଜୀବନ, ସଂଘର୍ଷ, ବନ୍ଧୁତ୍ୱ ଓ ସ୍ୱପ୍ନର ବାସ୍ତବ ଚିତ୍ରକୁ ପରଦାରେ ଉପସ୍ଥାପନ କରିଥିବା ଏହି ଚଳଚ୍ଚିତ୍ର ଏବଂ ସନାଙ୍କ ଅଭିନୟ ସ୍ଥାନୀୟ ଅଞ୍ଚଳରେ ଅପାର ଗର୍ବ ଓ ଉତ୍ସାହ ସୃଷ୍ଟି କରିଛି। ସନାଙ୍କ ଏହି ବିରଳ ସଫଳତା ନିମନ୍ତେ କୋରାପୁଟ ବିଧାୟକ ରଘୁରାମ ମାଝୀ ଏବଂ ସ୍ଥାନୀୟ ପରିଷଦ ରାଜେଶ୍ୱର ମହୁରିଆ ପ୍ରମୁଖ ଶୁଭେଚ୍ଛା ଜଣାଇବା ସହ ଏହା ସମଗ୍ର ବେପାରୀଗୁଡ଼ା ତଥା କୋରାପୁଟ ପାଇଁ ଏକ ଗୌରବର କଥା ବୋଲି ମତବ୍ୟକ୍ତ କରିଛନ୍ତି।

# ସ୍ୱଦେଶୀରୁ ବିଶ୍ୱବଜାର: 'କୋରାପୁଟ କଫି'କୁ ନୂଆ ପରିଚୟ



**କୋରାପୁଟ:** କୋରାପୁଟର ସୁଗନ୍ଧିତ ମାଟିର ପରିଚୟ ଏବେ ବିଶ୍ୱ ଦରବାରରେ ଆହୁରି ପାଦେ ଆଗକୁ ବଢ଼ିଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ୫୮ତମ ବିଶ୍ୱ ଶିଖର ସମ୍ମିଳନୀରେ ସାମିଲ ହୋଇଥିବା ଦେଶୀ ଓ ବିଦେଶୀ ପ୍ରତିନିଧିମାନଙ୍କୁ ପ୍ରଦାନ କରାଯାଇଥିବା ସ୍ୱତନ୍ତ୍ର ଉପହାରରେ ଓଡ଼ିଶାର ଗର୍ବ 'କୋରାପୁଟ କଫି' ସ୍ଥାନ ପାଇଛି। ଏହା କେବଳ ଏକ ଜିଲ୍ଲା କିମ୍ବା ରାଜ୍ୟ ପାଇଁ ନୁହେଁ, ବରଂ ସମଗ୍ର ଦେଶ ପାଇଁ ଏକ ଗୌରବମୟ ମୁହୂର୍ତ୍ତ ସୃଷ୍ଟି କରିଛି। ସ୍ଥାନୀୟ ଉତ୍ପାଦକୁ ବିଶ୍ୱସ୍ତରୀୟ ପରିଚୟ ଦେବାର ଏହା ଏକ ଜ୍ୱଳନ୍ତ ଉଦାହରଣ ହୋଇଥିବାବେଳେ, ଏହାଦ୍ୱାରା କୋରାପୁଟର ଚାଷୀମାନଙ୍କ ପାଇଁ ନୂତନ ବଜାର ଓ ଅଧିକ ଆୟର ଦ୍ୱାର ଉନ୍ମୋକ୍ତ ହୋଇଛି। ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ତାଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମରେ କୋରାପୁଟ କଫିର ଭୂୟସୀ ପ୍ରଶଂସା କରିଥିଲେ। ବର୍ତ୍ତମାନ ଏହି ଆନ୍ତର୍ଜାତୀୟ ମଞ୍ଚରେ ଏହାର ଉପସ୍ଥିତି କଫି ଚାଷୀଙ୍କ ମନୋବଳକୁ ଦିଗ୍‌ଗୁଣିତ କରିବା ସହ ଜିଲ୍ଲାରେ ଏହି ବ୍ୟବସାୟିକ କୃଷିକୁ ଆହୁରି ପ୍ରୋତ୍ସାହିତ କରିବ ବୋଲି ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ପ୍ରକାଶ କରାଯାଇଛି। ସ୍ୱାବଲମ୍ବୀ ଭାରତ ଗଠନର ମହତ୍ତ୍ୱପୂର୍ଣ୍ଣ ଆଧାର ସ୍ୱରୂପ ସ୍ଥାନୀୟ ଉତ୍ପାଦକଙ୍କୁ ବିଶ୍ୱବଜାର ସହ ଯୋଡ଼ିବା ଦିଗରେ ଏହି ସଫଳତା ଏକ ମାଇଲଖୁଣ୍ଟ ସାଜିବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

# ଅବ୍ୟବସ୍ଥା ଘେରରେ କୋରାପୁଟ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ




**କୋରାପୁଟ:**କୋରାପୁଟ ଜିଲ୍ଲା ମୁଖ୍ୟାଳୟରେ ଓଡ଼ିଶା ଲଳିତକଳା ଏକାଡେମୀ ଓ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ପକ୍ଷରୁ ପ୍ରତିଷ୍ଠିତ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ ଆଜି ପ୍ରଶାସନିକ ଅବହେଳାର ଶିକାର ହୋଇ ଦୃଷ୍ଟିଆଉଆଳରେ ରହିଯାଇଛି। ୨୦୨୧ ମସିହା ଡିସେମ୍ବର ୩୦ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆଭାସି ମାଧ୍ୟମରେ ଉଦ୍‌ଘାଟିତ ଏହି ଗ୍ୟାଲେରୀର ମୂଳ ଲକ୍ଷ୍ୟ ଥିଲା ଜିଲ୍ଲାର ପ୍ରତିଭାବାନ ଚିତ୍ରକରଙ୍କୁ ପ୍ରୋତ୍ସାହନ ଯୋଗାଇବା ଏବଂ କଳାପ୍ରେମୀଙ୍କୁ ଆକୃଷ୍ଟ କରିବା। ପ୍ରାରମ୍ଭିକ ପର୍ଯ୍ୟାୟରେ କିଛି ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲେ ହେଁ, ସାମ୍ପ୍ରତିକ ସ୍ଥିତି ଚିନ୍ତାଜନକ ପାଲଟିଛି।ବର୍ତ୍ତମାନ ଏହି ଭବନରେ ଅସଂଖ୍ୟ ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ଭବନର ଚଟାଣରେ ଉଇ ଲାଗିବା ସହ ଚିତ୍ରଶିକ୍ଷାଙ୍କ ଦ୍ୱାରା ଅଙ୍କିତ ବହୁ ମୂଲ୍ୟବାନ ଚିତ୍ରକଳା ଓ ଫ୍ରେମ୍ ଗୁଡ଼ିକ ମଧ୍ୟ ନଷ୍ଟ ହେବା ଆଶଙ୍କା ସୃଷ୍ଟି ହୋଇଛି। ଏପରିକି ଉଦ୍‌ଘାଟନ ଦିନଠାରୁ ଗ୍ୟାଲେରୀରେ ଥିବା ଏସି, ସିସି କ୍ୟାମେରା ଏବଂ ପେଣ୍ଟିଂକୁ ଆଲୋକିତ କରିବା ପାଇଁ ଲାଗିଥିବା ଲାଇଟ୍ ଗୁଡ଼ିକ ଅଚଳ ହୋଇପଡ଼ିଛି। ଭବନ ବାହାରେ ଲାଗିଥିବା ନାମଫଳକର କିଛି ଅକ୍ଷର ଝଡ଼ି ଯାଇଥିବାବେଳେ, ସମ୍ମୁଖରେ ଥିବା ବିରାଟ ଗଛ ଓ ଲତାବୁଦା ପରିବେଶକୁ ବିପଦସଙ୍କୁଳ କରିଛି। ତେଣୁ, ଏହି ଗ୍ୟାଲେରୀର ପୁନଃଉଦ୍ଧାର ଏବଂ ବୈଜ୍ଞାନିକ ପଦ୍ଧତିରେ ଚିତ୍ରଗୁଡ଼ିକର ସୁରକ୍ଷା ପାଇଁ ସମ୍ପୃକ୍ତ ବିଭାଗ ତୁରନ୍ତ ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି।

# ପ୍ରଶାସନିକ ଅବହେଳା ପାଇଁ ରାସ୍ତା କାଦୁଅମୟ ଗାଁ



**କୋରାପୁଟ:**କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକରେ ଉନ୍ନୟନମୂଳକ କାର୍ଯ୍ୟର ବାସ୍ତବ ଚିତ୍ର ଏବେ ପାଇକ ଫୁଲବେଡ଼ା ପଞ୍ଚାୟତର ଚାକଲି ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରୁ ସ୍ପଷ୍ଟ ବାରି ହୋଇପଡୁଛି। ଲଗାଣ ବର୍ଷା ଯୋଗୁଁ ଏହି ଗ୍ରାମ୍ୟ ରାସ୍ତାଟି ଏବେ ସମ୍ପୂର୍ଣ୍ଣ କାଦୁଅ ହୋଇ ଟ୍ରାକ୍ଟର ଚଷା ଯାଇଥିବା ଏକ କୃଷିକ୍ଷେତ୍ରର ଭ୍ରମ ସୃଷ୍ଟି କରୁଛି।

ଦୀର୍ଘ ଦିନ ଧରି ଏହି ରାସ୍ତାର ରକ୍ଷଣାବେକ୍ଷଣ କିମ୍ବା ମରାମତି ପ୍ରତି କେହି ଦୃଷ୍ଟି ନଦେବା କାରଣରୁ ବର୍ଷା ଦିନେ ଏଠାରେ ପାଣି ଜମି ରହୁଛି,ଯାହା ଫଳରେ ଗମନାଗମନ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। କେବଳ ଚାକଲି ଗ୍ରାମ ନୁହେଁ, ବରଂ ଏହି ରାସ୍ତା ଉପରେ ନିର୍ଭରଶୀଳ କୁମୁଣ୍ଡାଗୁଡ଼ା ଓ ଝିଲ୍ଲିକିବେଡ଼ା ଭଳି ଆଖପାଖ ଗ୍ରାମର ଶତାଧିକ ଲୋକ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି।

ରାସ୍ତାର ଏଭଳି ଶୋଚନୀୟ ଦୁରାବସ୍ଥା ଯୋଗୁଁ ଦୁଇ ଚକିଆ ଯାନ ଚଳାଚଳ ଠପ୍ ହୋଇଯାଇଛି ଏବଂ ପାଦରେ ଚାଲିଯିବା ମଧ୍ୟ ବିପଦପୂର୍ଣ୍ଣ ପାଲଟିଛି। ଫଳସ୍ୱରୂପ ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ଶିକ୍ଷା, ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ଏବଂ ଲୋକଙ୍କ ଦୈନନ୍ଦିନ ଜୀବନଯାତ୍ରା ବ୍ୟାପକ ଭାବେ ପ୍ରଭାବିତ ହେଉଛି।

ସମ୍ପ୍ରତି ଲଗାଣ ବର୍ଷାରେ ଅଞ୍ଚଳରେ ହୋଇଥିବା କ୍ଷୟକ୍ଷତିର ସମୀକ୍ଷା ତଥା ସ୍ଥିତି ଅନୁଧ୍ୟାନ କରିବା ନିମନ୍ତେ ଦଶମନ୍ତପୁର ଜୋନ୍-୨ର ଜିଲ୍ଲା ପରିଷଦ ସଭ୍ୟ ଧନପତି ସାଉନ୍ତା ଉକ୍ତ ଅଞ୍ଚଳ ଗସ୍ତ କରିଥିଲେ।ଏହି ସମୟରେ ହରି ଗଦବା, ସାପୁରୁ ସାଉନ୍ତା ଏବଂ ଲୁକେ ସାଉନ୍ତାଙ୍କ ଭଳି ସ୍ଥାନୀୟ ଗ୍ରାମବାସୀ ତାଙ୍କୁ ଭେଟି ଏହି ମୌଳିକ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ତେବେ ଆଶ୍ୱାସନାର ବିଷୟ ଯେ, ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରାଯିବାରୁ ଚାକଲି ଗ୍ରାମକୁ ଏକ ସ୍ଥାୟୀ ପିଚୁ ରାସ୍ତା ନିର୍ମାଣ ନିମନ୍ତେ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇସାରିଥିବା ଜଣାପଡ଼ିଛି। ଆଗାମୀ କିଛି ଦିନ ମଧ୍ୟରେ ରାସ୍ତା କାମ ଆରମ୍ଭ ହେବ ବୋଲି ସୂଚନା ମିଳିଛି।

ପ୍ରଶାସନର ଏହି ପ୍ରତିଶ୍ରୁତି ଯଥାଶୀଘ୍ର ବାସ୍ତବ ରୂପ ନେଲେ, ଅଞ୍ଚଳବାସୀଙ୍କ ଯାତାୟାତ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି।

# ସରକାର ବଦଳିଲା,ବଦଳିଲାନି ଅଡିଟୋରିୟମର ଭାଗ୍ୟ

**କୋରାପୁଟ:**ଓଡ଼ିଶାରେ କ୍ଷମତା ହସ୍ତାନ୍ତର ହେଲା, ସରକାର ବି ବଦଳିଲା; କିନ୍ତୁ ବଦଳିଲାନି ଦକ୍ଷିଣ ଓଡ଼ିଶାର ଏକ ପ୍ରମୁଖ ପ୍ରକଳ୍ପର ଭାଗ୍ୟ। ଶିକ୍ଷା, ସଂସ୍କୃତି ଓ ସମ୍ଭାବନାର ପ୍ରାଣକେନ୍ଦ୍ର ଜୟପୁର ସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ନିର୍ମାଣାଧୀନ ୨ ହଜାର ଆସନ ବିଶିଷ୍ଟ ବୃହତ୍ ଅଡିଟୋରିୟମ କାମ ଦୀର୍ଘ ଦିନ ହେବ ଠପ୍ ହୋଇପଡ଼ିଛି।

ଭୁବନେଶ୍ୱର ଟାଉନ୍ ହଲ୍ ପରେ ରାଜ୍ୟର ଦ୍ୱିତୀୟ ବୃହତ୍ତମ ହେବାକୁ ଥିବା ଏହି ଅତ୍ୟାଧୁନିକ ପ୍ରକଳ୍ପଟି ଏବେ ଅବହେଳାର ଶିକାର ହୋଇଛି।ପ୍ରାରମ୍ଭରେ ୨୨ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇ ପ୍ରଥମ ପର୍ଯ୍ୟାୟରେ ୮ କୋଟି ଟଙ୍କା ମଞ୍ଜୁର ହୋଇଥିଲା।

ସେହି ଅର୍ଥରେ କେବଳ କୋଠାର ଫ୍ରେମ୍‌ୱାର୍କ ଓ ଛାତ ପକାଯାଇଥିବା ବେଳେ ଆଧୁନିକ ସାଉଣ୍ଡ ସିଷ୍ଟମ, କେନ୍ଦ୍ରୀୟ ଏସି, ଆସନ ଏବଂ ଆନୁଷଙ୍ଗିକ ସାଜସଜ୍ଜା ପାଇଁ ଆବଶ୍ୟକ ବଳକା ୧୪ କୋଟି ଟଙ୍କା ଅଦ୍ୟାବଧି ମଞ୍ଜୁର ହୋଇପାରିନାହିଁ। ଫଳରେ ଗତ ଦୁଇ ବର୍ଷ ଧରି ନିର୍ମାଣ କାମ ବନ୍ଦ ରହିବା ସହ ବିଶ୍ୱବିଦ୍ୟାଳୟର ସୌନ୍ଦର୍ଯ୍ୟ ମଧ୍ୟ କ୍ଷୁଣ୍ଣ ହେଉଛି। ଏହି ଅଧାପନ୍ତରିଆ କାମକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ବିଧାୟକ ତାରାପ୍ରସାଦ ବାହିନୀପତି ବିଭିନ୍ନ ମଞ୍ଚରେ ଏହି ପ୍ରସଙ୍ଗ ଉତ୍ଥାପନ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ପୂର୍ବ ବିଭାଗ ନିକଟକୁ ନୂତନ ପ୍ରସ୍ତାବ ପଠାଯାଇଛି। ତେବେ ବଳକା ଅର୍ଥ ମଞ୍ଜୁର ହେବା ପରେ ହିଁ ନୂତନ ଟେଣ୍ଡର କିମ୍ବା ପୁରୁଣା ଠିକାଦାରଙ୍କ ଜରିଆରେ କାର୍ଯ୍ୟ ଆଗେଇବ, ସେନେଇ ବିଭାଗୀୟ ସ୍ପଷ୍ଟତା ମିଳିନାହିଁ। ଜୟପୁରବାସୀଙ୍କ ଏହି ସ୍ୱପ୍ନର ପ୍ରକଳ୍ପଟି କେବେ ପୂର୍ଣ୍ଣାଙ୍ଗ ରୂପ ନେବ, ତାହାକୁହିଁ ଏବେ ସମସ୍ତଙ୍କ ନଜର।

# ମାଟିପଥର ଧସି ବୋରିଗୁମ୍ମା-କୋରାପୁଟ ଯାତାୟାତ ଠପ୍



**ଜୟପୁର:**କୋରାପୁଟ ଜିଲ୍ଲା ଜୟପୁର ବ୍ଲକାନ୍ତର୍ଗତ ରାଣିଗର ପଞ୍ଚାୟତ ଘାଟି ରାସ୍ତାରେ ଲଗାଣ ବର୍ଷା ଯୋଗୁଁ ପାହାଡ଼ରୁ ବିରାଟକାୟ ପଥର ଏବଂ ମାଟି ଖସିପଡ଼ିବାରୁ ଗତ ୬ ଦିନ ହେଲା ବୋରିଗୁମ୍ମା-କୋରାପୁଟ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ପୂର୍ତ୍ତ ବିଭାଗାଧୀନ ଏହି ଘାଟିର ପ୍ରାୟ ୨୦୦ ମିଟର ଅଞ୍ଚଳ ମାଟି ଓ ପଥରରେ ପୋତି ହୋଇଯାଇଥିବାରୁ ଏକ ପ୍ରକାର ଯାତାୟାତ ବିଚ୍ଛିନ୍ନ ହୋଇପଡ଼ିଛି। ବୋରିଗୁମ୍ମା, କୋଟପାଡ଼ ବ୍ଲକ ଏବଂ ନବରଙ୍ଗପୁରକୁ ସଂଯୋଗ କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତା ବନ୍ଦ ରହିବାରୁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି।ଏହି ମାର୍ଗ ଦେଇ ଆମ୍ବୁଲାନ୍ସ ଯୋଗେ ରୋଗୀମାନଙ୍କୁ କୋରାପୁଟ ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ନେବାରେ ଗମ୍ଭୀର ସମସ୍ୟା ଉପୁଜିଛି। ସେହିପରି ମାଲବାହାକ ଟ୍ରକ ଓ ଯାନବାହନଗୁଡ଼ିକ ଆନ୍ଧ୍ରପ୍ରଦେଶ ଓ ବିଭିନ୍ନ ସ୍ଥାନକୁ ଯିବାରେ ବାଧାପ୍ରାପ୍ତ ହେଉଛନ୍ତି। ଖବର ପାଇ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ତୁରନ୍ତ ରାସ୍ତାରୁ ମାଟି ଓ ପଥର ହଟାଇ ଯାତାୟାତ ସ୍ୱାଭାବିକ୍ କରିବା ସହ ପାହାଡ଼ ପାର୍ଶ୍ୱରେ ସୁରକ୍ଷା ପାଇଁ ଦୃଢ଼ କଂକ୍ରିଟ୍ ପାଚେରୀ ନିର୍ମାଣ କରିବାକୁ ସେ ଦାବି କରିଛନ୍ତି। ଏନେଇ ସେ ରାଜ୍ୟ ସରକାରଙ୍କୁ ଅବଗତ କରାଇବା ସହ ଆଗାମୀ ବିଧାନସଭା ଅଧିବେଶନରେ ମଧ୍ୟ ପ୍ରଶ୍ନ ଉପସ୍ଥାପନ କରିବେ ବୋଲି କହିଛନ୍ତି। ପ୍ରଶାସନ ପକ୍ଷରୁ ଶୀଘ୍ର କୌଣସି ପଦକ୍ଷେପ ନ ନିଆଗଲେ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ,ଘାଟିରୁ ଖସିଥିବା ମାଟି ଓ ପଥର ନିକଟସ୍ଥ ତେଲିଗିରି ଜଳଭଣ୍ଡାର ଭିତରକୁ ପଡୁଥିବାରୁ ଜଳଭଣ୍ଡାର ପୋତିହୋଇଯିବାର ଆଶଙ୍କା ଦେଖାଦେଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଗଭୀର ଚିନ୍ତା ପ୍ରକାଶ ପାଇଛି।

# କମିବ ଔଷଧ ମୂଲ୍ୟ

**ନୂଆଦିଲ୍ଲୀ:** କ୍ୟାନ୍‌ସର ଭଳି ଦୂରାରୋଗ୍ୟ ତଥା ମାରାତ୍ମକ ବ୍ୟାଧିର ଚିକିତ୍ସାରେ ବ୍ୟବହୃତ ହେଉଥିବା ଜୀବନରକ୍ଷକ ଔଷଧର ମୂଲ୍ୟରେ ଥିବା ଆକାଶପାତାଳ ତାରତମ୍ୟକୁ ନେଇ ସୁପ୍ରିମ୍‌କୋର୍ଟ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଖୁଚୁରା ବ୍ୟବସାୟୀଙ୍କୁ କମ୍ପାନୀ ପକ୍ଷରୁ ଯୋଗାଇ ଦିଆଯାଉଥିବା ମୂଲ୍ୟ ଏବଂ ସାଧାରଣ ରୋଗୀଙ୍କଠାରୁ ଆଦାୟ କରାଯାଉଥିବା ସର୍ବାଧିକ ଖୁଚୁରା ମୂଲ୍ୟ (ଏମ୍‌ଆର୍‌ପି) ମଧ୍ୟରେ ଥିବା ବିପୁଳ ଫରକକୁ ନେଇ କୋର୍ଟ କ୍ଷୁବ୍ଧ ହୋଇଛନ୍ତି। ଉଦାହରଣ ସ୍ୱରୂପ, ଜଣେ କ୍ୟାନ୍‌ସର ରୋଗୀଙ୍କ ପାଇଁ ଆବଶ୍ୟକ ଔଷଧ ଖୁଚୁରା ବ୍ୟବସାୟୀଙ୍କୁ ମାତ୍ର ୨,୭୦୦ ଟଙ୍କାରେ ମିଳୁଥିବା ବେଳେ, ଏହାର ଏମ୍‌ଆର୍‌ପି ୨୭,୦୦୦ ଟଙ୍କା ରଖାଯାଇଛି, ଯାହାକି ପ୍ରାୟ ୧୦ ଗୁଣା ଅଧିକ।



ଏହି ପ୍ରସଙ୍ଗରେ ବିଚାରପତି ବିକ୍ରମ ନାଥ ଏବଂ ବିଚାରପତି ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି କରି କେନ୍ଦ୍ର ସରକାରଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ କରିଛନ୍ତି। ବର୍ତ୍ତମାନ ଡ୍ରଗ୍ ପ୍ରାଇସ୍ କଣ୍ଟ୍ରୋଲ୍ ଅର୍ଡର୍ (ଡିପିସିଓ)-୨୦୧୩ ଅନୁଯାୟୀ ତାଲିକାଭୁକ୍ତ ଔଷଧର ଦାମ୍ ନିର୍ଦ୍ଧାରଣ ସମୟରେ ୧୬ ପ୍ରତିଶତ ଖୁଚୁରା ବ୍ୟବସାୟୀ ମାର୍ଜିନ୍ ଯୋଗ କରାଯାଉଛି। କିନ୍ତୁ ଏହି ନିୟମ ସବୁ ଔଷଧ ପାଇଁ ସମାନ ଭାବେ ଲାଗୁ ହେଉନାହିଁ। ତେଣୁ, ଆବଶ୍ୟକ ଏବଂ ଅନାବଶ୍ୟକ ଔଷଧ ମଧ୍ୟରେ ଏଭଳି ଫରକ କାହିଁକି ରହିବ ଏବଂ ସବୁ ପ୍ରକାର ଔଷଧ କ୍ଷେତ୍ରରେ କାହିଁକି ଏକାକାର ଭାବେ ୧୬ ପ୍ରତିଶତ ମାର୍ଜିନ୍ ଲାଗୁ କରାଯାଇପାରିବ ନାହିଁ ବୋଲି କୋର୍ଟ ପଚାରିଛନ୍ତି।

ଆବେଦନକାରୀ କିଶାନ ରାଓ ଜୈନଙ୍କ ପକ୍ଷରୁ ଦାଏର ଏହି ମାମଲାରେ ଔଷଧ ଦାମ୍ ଉପରେ କଡ଼ା ନିୟନ୍ତ୍ରଣ, ଜେନେରିକ୍ ଔଷଧ ଲେଖିବା ବାଧ୍ୟତାମୂଳକ କରିବା ଏବଂ ମେଡିକାଲ୍ ଡିଭାଇସ୍‌ଗୁଡ଼ିକର ମୂଲ୍ୟକୁ ନିୟନ୍ତ୍ରଣ ପରିସରଭୁକ୍ତ କରିବାକୁ ଦାବି କରାଯାଇଛି। ଏହା ସହିତ କର୍ପୋରେଟ୍ ହସ୍ପିଟାଲ୍‌ଗୁଡ଼ିକର ଶୋଷଣ ଉପରେ ମଧ୍ୟ କୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ନିଜସ୍ୱ ଫାର୍ମାସିରୁ ହିଁ ଔଷଧ କିଣିବାକୁ ରୋଗୀଙ୍କୁ ବାଧ କରିବା ଏବଂ ବାହାରୁ ଆଣିଲେ ଚିକିତ୍ସା ନକରିବା ଭଳି ଧମକ ଉପରେ ଖଣ୍ଡପୀଠ ଚିନ୍ତା ପ୍ରକାଶ କରିଛନ୍ତି।

କେନ୍ଦ୍ର ସରକାରଙ୍କ ପକ୍ଷରୁ ହାଜର ହୋଇଥିବା ସଲିସିଟର ଜେନେରାଲ୍ ତୁଷାର ମେହେଟ୍ଟା କୋର୍ଟଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ, ସେ ଖୁବ୍ ଶୀଘ୍ର ଏ ସମ୍ପର୍କରେ ଅଧିକାରୀମାନଙ୍କ ସହ ଆଲୋଚନା କରିବେ। ସମସ୍ତ ପକ୍ଷଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ରଖି ଏହାର ଏକ ସନ୍ତୁଳିତ ସମାଧାନ ଖୋଜି ବାହାର କରିବାକୁ କେନ୍ଦ୍ର ସରକାର ପ୍ରୟାସ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ଅକ୍ଟୋବର ୧୭ ତାରିଖକୁ ଧାର୍ଯ୍ୟ କରିଛନ୍ତି।

# ପିୟୁସିସି ନଥିଲେ ତେଲ ମନା !

**ନୂଆଦିଲ୍ଲୀ:** ଆଗାମୀ ଶୀତ ଋତୁରେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଦିଲ୍ଲୀ ସରକାର ଏବେଠାରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ଏକ ମିଳିତ ବୈଠକରେ ନିଆଯାଇଥିବା ନିଷ୍ପତ୍ତି କ୍ରମେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ 'ନୋ ପିୟୁସିସି, ନୋ ଫୁଏଲ୍' ନୀତିକୁ କଡ଼ାକଡ଼ି ଭାବେ ଲାଗୁ କରାଯିବ। ଅର୍ଥାତ୍ ଆବଶ୍ୟକୀୟ ପ୍ରଦୂଷଣ ପ୍ରମାଣପତ୍ର ନଥିଲେ କୌଣସି ଗାଡ଼ିକୁ ପେଟ୍ରୋଲ ପମ୍ପରୁ ଇନ୍ଧନ ଦିଆଯିବ ନାହିଁ। ଏଥିସହିତ ଏଏନପିଆର୍ କ୍ୟାମେରା ଲାଗିଥିବା ଦିଲ୍ଲୀର ୪୦୦ଟି ପେଟ୍ରୋଲ ପମ୍ପରେ ଚଳାଚଳ ଅବଧି ଶେଷ ହୋଇଥିବା ବା 'ଏଣ୍ଡ୍ ଅଫ୍ ଲାଇଫ୍' ଯାନବାହନ ବିରୋଧରେ କଡ଼ା ଅଭିଯାନ ଚାଲିବ। ଆସନ୍ତା ଅକ୍ଟୋବର ମାସରେ ଏନେଇ ଜନସଚେତନତା ଅଭିଯାନ ଆରମ୍ଭ ହେବ ଏବଂ ନଭେମ୍ବରରେ ପିୟୁସି କେନ୍ଦ୍ରଗୁଡ଼ିକର ତଦାରଖ କରାଯିବା ସହ ଅଟୋମେଟେଡ୍ ଟେଷ୍ଟିଂ ଷ୍ଟେସନ୍ ମାଧ୍ୟମରେ ପ୍ରାୟ ୨.୫ ଲକ୍ଷ ଗାଡ଼ିର ଫିଟନେସ୍ ଯାଞ୍ଚ ହେବ।

ସାର୍ବଜନୀନ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଦିଲ୍ଲୀ ସରକାର ରାସ୍ତାକୁ ଆହୁରି ୧୫୦ଟି ନୂଆ ଇଲେକ୍ଟ୍ରିକ୍ ବସ୍ ଓହ୍ଲାଇବେ, ଯାହା ଫଳରେ ରାଜଧାନୀରେ ଇ-ବସ୍ ସଂଖ୍ୟା ୭୦୦ରୁ ଅଧିକ ହେବ। ବାୟୁ ପ୍ରଦୂଷଣ ଓ ଟ୍ରାଫିକ୍ ଭିଡ଼ ଅଧିକ ରହୁଥିବା ସ୍ଥାନଗୁଡ଼ିକର ପରିସ୍ଥିତି ନିୟନ୍ତ୍ରଣ ପାଇଁ ଏକ ବ୍ୟାପକ ଯୋଜନା ପ୍ରସ୍ତୁତ କରାଯାଇଛି। ସହରରେ ଚିହ୍ନଟ ହୋଇଥିବା ମୋଟ ୯୨ଟି ପ୍ରଦୂଷଣ ହଟସ୍ପଟ୍ ମଧ୍ୟରୁ ୪୨ଟି ସ୍ଥାନରେ ପ୍ରଦୂଷଣ ସ୍ତରକୁ ନିୟନ୍ତ୍ରଣକୁ ଅଣାଯାଇଥିବା ବେଳେ ବାକି ସ୍ଥାନଗୁଡ଼ିକରେ କାମ ଜାରି ରହିଛି। ବିଶେଷକରି ଶୁଖିଲା ରାସ୍ତା, ଗଳି ଏବଂ ନିର୍ମାଣ ଓ ଭଙ୍ଗା କାର୍ଯ୍ୟରୁ ଉତ୍ପନ୍ନ ବର୍ଜ୍ୟବସ୍ତୁ ଥିବା ସ୍ଥାନଗୁଡ଼ିକ ଉପରେ ସ୍ୱତନ୍ତ୍ର ନଜର ରଖାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ଲୋକମାନଙ୍କୁ ବ୍ୟକ୍ତିଗତ ଗାଡ଼ି ବ୍ୟବହାରରୁ ନିରୁତ୍ସାହିତ କରିବା ଉଦ୍ଦେଶ୍ୟରେ ନଭେମ୍ବର ପହିଲାରୁ ଅନୁମୋଦିତ ପାର୍କିଂ ସ୍ଥାନଗୁଡ଼ିକରେ ପାର୍କିଂ ଫି'କୁ ଦୁଇଗୁଣା କରାଯିବ। ଏହାବ୍ୟତୀତ ସରକାରୀ କାର୍ଯ୍ୟାଳୟଗୁଡ଼ିକର ସମୟରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ଆସନ୍ତା ନଭେମ୍ବର ୧ ରୁ ଫେବୃଆରୀ ୨୮ ପର୍ଯ୍ୟନ୍ତ ଏମ୍‌ସିଡି ଅଧୀନରେ ଥିବା କାର୍ଯ୍ୟାଳୟଗୁଡ଼ିକ ସକାଳ ୮ଟା ୩୦ ରୁ ସନ୍ଧ୍ୟା ୫ଟା ଏବଂ ଜିଏନସିଟିଡି ଅଧୀନସ୍ଥ ଅଫିସ୍ ଗୁଡ଼ିକ ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ୩୦ ପର୍ଯ୍ୟନ୍ତ ଖୋଲା ରହିବ। ପରିସ୍ଥିତି ଦେଖି ୫୦ ପ୍ରତିଶତ କର୍ମଚାରୀଙ୍କ ପାଇଁ 'ୱାର୍କ ଫ୍ରମ୍ ହୋମ୍' ବ୍ୟବସ୍ଥା ମଧ୍ୟ କାର୍ଯ୍ୟକାରୀ କରାଯିବା ନେଇ ଯୋଜନା ରହିଛି।

# ସ୍ୱାର୍ଥପର ଦେଶ କିଏ ?

**ନୂଆଦିଲ୍ଲୀ:** ମିଳିତ ଜାତିସଂଘର ସଂସ୍କାର ପ୍ରକ୍ରିୟାକୁ ବିରୋଧ କରୁଥିବା ରାଷ୍ଟ୍ରଗୁଡ଼ିକର ମନୋଭାବକୁ କଡ଼ା ସମାଲୋଚନା କରିଛନ୍ତି ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର। ନ୍ୟୁୟର୍କଠାରେ ଆୟୋଜିତ ୭୯ତମ ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ) ଅଧିବେଶନ ଅବସରରେ ଏକ ସ୍ୱତନ୍ତ୍ର ମନ୍ତ୍ରୀସ୍ତରୀୟ ବୈଠକରେ ଉଦବୋଧନ ଦେଇ ସେ ସ୍ପଷ୍ଟ କରିଛନ୍ତି ଯେ, ସଂସ୍କାରକୁ ବିରୋଧ କରୁଥିବା ଦେଶଗୁଡ଼ିକ ପ୍ରକୃତରେ ସ୍ୱାର୍ଥପର ଅଟନ୍ତି। ଏହି ଦେଶଗୁଡ଼ିକ ବିଶ୍ୱର ସାମଗ୍ରିକ କଲ୍ୟାଣ ଚାହାନ୍ତି ନାହିଁ ଏବଂ କେବଳ ନିଜର ଆଧିପତ୍ୟ ବଜାୟ ରଖିବାକୁ ଉଦ୍ୟମ କରୁଛନ୍ତି। ବିଶ୍ୱ ସଂସ୍ଥାରେ ସଂସ୍କାର ପ୍ରକ୍ରିୟାରେ ହେଉଥିବା ଅହେତୁକ ବିଳମ୍ବ ଯୋଗୁଁ ଅନ୍ତର୍ଜାତୀୟ ସମୁଦାୟ ମଧ୍ୟରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଉଛି ବୋଲି ସେ ପ୍ରକାଶ କରିଛନ୍ତି। ସେ ଗୁରୁତ୍ୱାରୋପ କରିଛନ୍ତି ଯେ, ସଂସ୍କାର ପାଇଁ ଏକ ଲିଖିତ ପ୍ରସ୍ତାବ ବା ଦଲିଲ ଆଧାରରେ ଆଲୋଚନା ହେବା ନିତାନ୍ତ ଆବଶ୍ୟକ ଏବଂ ଲିଖିତ ଦସ୍ତାବିଜ ବିନା କୌଣସି ଆଲୋଚନା କେବଳ ସମୟ ନଷ୍ଟ କରିବାର ଏକ କୌଶଳ।

# ୩ ଗଣମାଧ୍ୟମ ଉପରେ ବ୍ୟାନ୍‌କୁ ଅଦାଲତଙ୍କ ରୋକ୍

**ନୂଆଦିଲ୍ଲୀ:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ପାଇଁ ଏହା ଏକ ବଡ଼ ଝଟକା ସଦୃଶ ହୋଇଛି। ତିନୋଟି ପ୍ରମୁଖ ଗଣମାଧ୍ୟମ ସଂସ୍ଥା ଉପରେ ହ୍ୱାଇଟ୍ ହାଉସ୍ ପ୍ରବେଶ ନେଇ ଲଗାଯାଇଥିବା କଟକଣାକୁ ଆମେରିକାର ଏକ ସଂଘୀୟ ଅଦାଲତ ଗୁରୁବାର ଦିନ ସାମୟିକ ଭାବେ ରୋକ୍ ଲଗାଇଛନ୍ତି। ବିଚାରପତି ଟିମୋଥି କେଲିଙ୍କ ଦ୍ୱାରା ଦିଆଯାଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଫଳରେ ଆଗଧାଡ଼ିର ଗଣମାଧ୍ୟମ ସିଏନ୍‌ଏନ୍ , ଏମ୍‌ଏସ୍ ନାଓ ଏବଂ ପଲିଟିକୋର ସାମ୍ବାଦିକମାନେ ପୁଣିଥରେ ହ୍ୱାଇଟ୍ ହାଉସରେ ପ୍ରବେଶ ଅନୁମତି ମିଳିବ। ଏହା ସହିତ ଉକ୍ତ ସଂସ୍ଥାର ପ୍ରତିନିଧିମାନଙ୍କୁ ସେମାନଙ୍କର ପ୍ରେସ୍ ପାସ୍ ତୁରନ୍ତ ଫେରାଇଦେବାକୁ ଟ୍ରମ୍ପ ପ୍ରଶାସନକୁ ଅଦାଲତଙ୍କ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଅନୁଯାୟୀ, ଗତ ସେପ୍ଟେମ୍ବର ୧୯ ତାରିଖରେ ଟ୍ରମ୍ପ ପ୍ରଶାସନ ଏହି ତିନି ଗଣମାଧ୍ୟମକୁ ହ୍ୱାଇଟ୍ ହାଉସରୁ ବ୍ୟାନ୍ କରିଥିଲେ। ଏହି ସଂସ୍ଥାଗୁଡ଼ିକ ତାଙ୍କ ପ୍ରଶାସନ ସମ୍ପର୍କରେ 'ମିଥ୍ୟା ଖବର' ପ୍ରସାରଣ କରୁଛନ୍ତି ବୋଲି ଟ୍ରମ୍ପ ଅଭିଯୋଗ ଆଣିଥିଲେ। ପରବର୍ତ୍ତୀ ସମୟରେ ସରକାର ଏହି ପଦକ୍ଷେପକୁ ଜାତୀୟ ସୁରକ୍ଷା ଏବଂ ସାମ୍ବାଦିକତାରେ ଶୃଙ୍ଖଳା ରକ୍ଷା କରିବା ସହିତ ଯୋଡ଼ିଥିଲେ। ଏହାର ପ୍ରତିବାଦରେ ସିଏନ୍‌ଏନ୍, ଏମ୍‌ଏସ୍ ନାଓ ଓ ପଲିଟିକୋ ଏକାଠି ଅଦାଲତଙ୍କ ଦ୍ୱାରସ୍ଥ ହୋଇ ଏହି ବ୍ୟାନ୍‌କୁ ଚ୍ୟାଲେଞ୍ଜ କରିଥିଲେ।

ବୁଧବାର ଦିନ ଏହି ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ, ୨୦୧୭ ମସିହାରେ ବିଚାରପତି କେଲି ଖୋଦ୍ ଟ୍ରମ୍ପଙ୍କ ଦ୍ୱାରା ହିଁ ନିଯୁକ୍ତ ହୋଇଥିଲେ। ଶୁଣାଣି ସମୟରେ ସରକାରଙ୍କ ପକ୍ଷରୁ ଓକିଲ ମାଇକେଲ୍ ଡେଲ୍‌ଟିକ୍ ଯୁକ୍ତି ବାଢ଼ିଥିଲେ ଯେ ହ୍ୱାଇଟ୍ ହାଉସ୍‌ରେ କାହାକୁ ପ୍ରବେଶ ଅନୁମତି ଦିଆଯିବ, ତାହା ସମ୍ପୂର୍ଣ୍ଣ ଭାବେ ରାଷ୍ଟ୍ରପତିଙ୍କ ନିଜସ୍ୱ ଅଧିକାର। ଅନ୍ୟପକ୍ଷରେ, ତିନି ଗଣମାଧ୍ୟମ ସଂସ୍ଥା ପକ୍ଷରୁ ଓକିଲ ଥିଓଡୋର ବୁଟ୍ରସ୍ ଜୁନିଅର ସରକାରଙ୍କ ଏହି ପଦକ୍ଷେପକୁ ଦୃଢ଼ ବିରୋଧ କରି ନିଜର ଯୁକ୍ତି ରଖିଥିଲେ।

# ଏଆଇ ପାଇଁ ମରିବେ ୧୦୦ କୋଟି ଲୋକ !

**ନୂଆଦିଲ୍ଲୀ:** କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ (ଇଓ) ର ଅପବ୍ୟବହାରକୁ ନେଇ ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ବିଲ୍ ଗେଟ୍ସ ଏକ ଭୟଙ୍କର ଚେତାବନୀ ଦେଇଛନ୍ତି। ଏହି ନୂତନ ଜ୍ଞାନକୌଶଳର ଅପବ୍ୟବହାର ଯୋଗୁଁ ଆଗାମୀ ଦିନରେ ପ୍ରାୟ ୧୦୦ କୋଟି ଲୋକଙ୍କ ମୃତ୍ୟୁ ଘଟିପାରେ କିମ୍ବା ଜୀବନ ପ୍ରତି ବିପଦ ସୃଷ୍ଟି ହୋଇପାରେ ବୋଲି ସେ ଗମ୍ଭୀର ଆଶଙ୍କା ପ୍ରକାଶ କରିଛନ୍ତି।

ଏକ ସାକ୍ଷାତକାରରେ ଗେଟ୍ସ ମତ ଦେଇଛନ୍ତି ଯେ, ଯଦି ଏହି ଏଆଇ ଉପକରଣଗୁଡ଼ିକ ଦୁର୍ବୃତ୍ତମାନଙ୍କ ହାତରେ ପଡ଼େ, ତେବେ ତାହା ପୂର୍ବରୁ ବ୍ୟବହୃତ ହୋଇଥିବା ଯେକୌଣସି ମାରାତ୍ମକ ଅସ୍ତ୍ରଶସ୍ତ୍ର ଠାରୁ ମଧ୍ୟ ଅଧିକ ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। ଏଭଳି ଆପରାଧିକ ବିପଦକୁ ଅତ୍ୟନ୍ତ ଗମ୍ଭୀରତାର ସହ ଗ୍ରହଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି। କେବଳ ଟେକ୍ କମ୍ପାନିଗୁଡ଼ିକର ନିୟନ୍ତ୍ରଣ ବ୍ୟବସ୍ଥା ଯଥେଷ୍ଟ ନୁହେଁ, ବରଂ ସରକାରୀ ସ୍ତରରେ ତଦାରଖ ଓ କଟକଣା ଜରୁରୀ ବୋଲି ଦର୍ଶାଇ ସେ ଆମେରିକା ସରକାରଙ୍କୁ କଠୋର ଆଇନ ପ୍ରଣୟନ କରିବା ପାଇଁ ଅନୁରୋଧ କରିଛନ୍ତି।

ଅନ୍ୟପକ୍ଷରେ, ଏହି ବିପଦର ଏକ ଜ୍ୱଳନ୍ତ ଉଦାହରଣ ଅଷ୍ଟ୍ରେଲିଆରେ ଦେଖିବାକୁ ମିଳିଛି, ଯେଉଁଠାରେ ଇତିହାସରେ ପ୍ରଥମ ଥର ପାଇଁ ଏକ ଏଆଇ ମଡେଲ୍ ସରକାରୀ ପୋର୍ଟାଲ୍‌କୁ ହ୍ୟାକ୍ କରିଛି। 'ଓପନ୍‌ଏଆଇ' ଦ୍ୱାରା ବିକଶିତ ଏହି ଏଆଇ ମଡେଲ୍ ଅଷ୍ଟ୍ରେଲିଆର ସ୍ୱାସ୍ଥ୍ୟ ତଥ୍ୟ ପ୍ରଣାଳୀରେ ଅନଧିକୃତ ଭାବେ ପ୍ରବେଶ କରି ସ୍ୱାସ୍ଥ୍ୟ ସେବା ଖର୍ଚ୍ଚ ଏବଂ ଔଷଧ ସବସିଡି ସମ୍ପର୍କିତ ଅନେକ ଗୁପ୍ତ ଫାଇଲ୍ ହାସଲ କରିଛି। ଏହି ଘଟଣା ସମ୍ପର୍କରେ କମ୍ପାନି ପ୍ରାୟ ୪୫ ଦିନ ପରେ ଅଷ୍ଟ୍ରେଲିଆ ସରକାରଙ୍କୁ ଅବଗତ କରାଇଥିବାରୁ, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନିଜ୍ ନ୍ୟୁୟର୍କରେ ଥିବା 'ଓପନ୍‌ଏଆଇ' ମୁଖ୍ୟ ସାମ୍ ଅଲ୍ଟମ୍ୟାନଙ୍କ ସହ ଟେଲିଫୋନ୍ ଯୋଗେ କଥା ହୋଇ ନିଜର ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବର୍ତ୍ତମାନ ଏହି ମାମଲାରେ ସମ୍ପୃକ୍ତ କମ୍ପାନି ବିରୋଧରେ ଆପରାଧିକ ମାମଲା ରୁଜୁ କରାଯାଇପାରିବ କି ନାହିଁ, ସେ ନେଇ ଅଷ୍ଟ୍ରେଲିଆ ସରକାର ତଦନ୍ତ ଆରମ୍ଭ କରିଛନ୍ତି। 'ଓପନ୍‌ଏଆଇ' ମଧ୍ୟ ସ୍ୱୀକାର କରିଛି ଯେ ସେମାନଙ୍କର ଏଆଇ ମଡେଲ୍ କମ୍ପାନିର ଅନିଚ୍ଛା ସତ୍ତ୍ୱେ ଏଭଳି ସାଂଘାତିକ ପଦକ୍ଷେପ ଗ୍ରହଣ କରିଛି।



ଏହି ହ୍ୟାକିଂ ଆକ୍ରମଣ ପରେ, ସାମ୍ ଅଲ୍ଟମ୍ୟାନ୍ ମଧ୍ୟ ଏଆଇକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖିବା ଅତ୍ୟନ୍ତ ଜରୁରୀ ବୋଲି ସ୍ୱୀକାର କରିଛନ୍ତି। ତାଙ୍କ ମତରେ, ଯଦି ଏହି ପ୍ରଯୁକ୍ତିବିଦ୍ୟା ମାନବ ନିୟନ୍ତ୍ରଣରୁ ବାହାରିଯାଏ, ତେବେ ଏହାର ପରିଣାମ ଅତ୍ୟନ୍ତ ଭୟଙ୍କର ହେବ। ଏଆଇ ଅଧିକରୁ ଅଧିକ ଶକ୍ତିଶାଳୀ ହେଉଥିବାରୁ ଏହାକୁ ସୀମା ମଧ୍ୟରେ ରଖିବା ପାଇଁ ବିଶ୍ୱର ସମସ୍ତ ଦେଶ ମିଳିତ ଭାବେ କାର୍ଯ୍ୟ କରିବା ସହ ସାର୍ବଜନୀନ ସୁରକ୍ଷା ମାନଦଣ୍ଡ ସ୍ଥିର କରିବା ନିହାତି ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି।

This Periodical is published by Ranjita Das from Tulanka Sahi, VTC. : Baleshwar Sadar, P.O.: Motiganj, Dist-Baleshwar, PIN-756003, Odisha, E-mail: pradeshbartta@gmail.com, Mobile: 9777776304, on behalf of Ranjita Das, edited by Ranjita Das and Printed by Sudhir Kumar Panda at Gayatri Industries, TS 3/193, Mancheswar Industrial Estate, Khorda, Odisha-751010

ସମ୍ପାଦକ: ରଞ୍ଜିତା ଦାସ

Editor: Ranjita Das